ମୋ' ଦେଶ

Digitized by PPRACHIN, SOA



ମୋ' ଦେଶ

ସଂକଳକ

ପ୍ରଫେସର ଶରତ ଚନ୍ଦ୍ର ରଥ

Digitized by PPRACHIN, SOA

ମୋ' ଦେଶ

ସଂକଳକ :
ପ୍ରଫେସର ଶରତ ଚନ୍ଦ୍ର ରଥ
ଭୁବନେଶ୍ୱର

ଉପଦେଷ୍ଟା :
ପ୍ରାଧ୍ୟାପକ ରମେଶ ଦାସ
ଦିବ୍ୟବିହାର, ସାମନ୍ତରାପୁର,ଭୁବନେଶ୍ୱର

ପ୍ରକାଶକ :
ଦିବ୍ୟ ପ୍ରକାଶନୀ
ଦିବ୍ୟବିହାର, ସାମନ୍ତରାୟପୁର
ଭୁବନେଶ୍ୱର – ୨

ପ୍ରଥମ ପ୍ରକାଶନ : ୨୦୧୪

ମୁଦ୍ରଣ : ଦିବ୍ୟ ମୁଦ୍ରଣୀ

ପ୍ରଚ୍ଛଦ ପ୍ରସ୍ତୁତି ଓ ଅଙ୍ଗସଜ୍ଜା : ବିଭୁ ପ୍ରସୂନ

ମୂଲ୍ୟ : ୨୫/(ପଚିଶି ଟଙ୍କା ମାତ୍ର)

Mo Desha

Compilier
Prof. Sarat Chandra Rath
Bhubaneswar

Advisor
Prof. Ramesh Das
Divyavihar, Samantrapur,
Bhubaneswar

Publisher : **Divya Prakashani**
Divyavihar, Samantrapur, Bhubaneswar-2

First Publication : **2014**

Cover Design & Setting : **Bibhuprasuna**

Price : ₹ **25/-** (Twenty Five Rupees only)

Digitized by PPRACHIN, SOA

ମୋର ପରମାରାଧ୍ୟ
ଶ୍ରୀମାଶ୍ରୀଅରବିନ୍ଦଙ୍କ ପାଦପଦ୍ମରେ
ଏହି ପୁସ୍ତିକାଟିକୁ ସମର୍ପଣ କରି
ମୋ' ବୋଉ
ଶ୍ରୀମତୀ ମନୋରମା ଦେବୀଙ୍କ ହାତରେ
ଅର୍ପଣ କଲି ।

॥ ବିନୀତ ॥
ସଂକଳକ

Digitized by PPRACHIN, SOA

ପ୍ରଥମରୁ ପଦେ

ଭାରତବର୍ଷ ହେଉଛି ଶାନ୍ତି, ମୈତ୍ରୀ, ସଂହତି ଓ ସଂପ୍ରୀତିର ଦେଶ । ଅନେକତ୍ୱ ଭିତରେ ଏକତ୍ୱ ଏହାର ବିଶେଷ ବିଶେଷତ୍ୱ । ବହୁ ଧର୍ମ, ବହୁ ଚଳଣି, ବହୁ ଭାଷାରେ ଏଇ ଦେଶ ଆମର ଭ୍ରାତୃତ୍ୱର ବନ୍ଧନରେ ବନ୍ଧା । ଭାରତୀୟତା ଆମର ଗୌରବ, ଆମର ପରିଚୟ । ଭାରତୀୟତା ହେଉଛି ଏପରି ଏକ ନିଦା ଶବ୍ଦ ଯାହା ଭିତରେ ବହୁ ମାନବିକ ଉପାଦାନ ଭରି ରହିଛି । ଦୟା, କ୍ଷମା, ଅହିଂସା, ସମ୍ବେଦନଶୀଳତା ସମେତ ବହୁ ମାନବିକ ସଦ୍‌ଗୁଣ ଏହି ଉପାଦାନର ଅନ୍ତର୍ଭୁକ୍ତ ।

ଭାରତ ମାଟିରେ ମହତ୍ତ୍ୱ ଅଛି, ମହକ ଅଛି । ଏ ମହତ୍ତ୍ୱକୁ ଦୂରରୁ ଆସି ଓ ଦୂରରେ ଥାଇ ବହୁ ବିଦେଶୀ ଚିନ୍ତାବିତ୍ ଅନୁଭବ କରିପାରିଛନ୍ତି । ସେମାନଙ୍କ ମଧ୍ୟରେ ମାକ୍ସ ମୁଲ୍ଲର, ଗେଟେ, ଶୋପେନ ହାଓଆର, ଉଇଲକିନସ୍, ହୋରାସ୍ ହେମାନ ଉଇଲ୍‌ସନ୍, ଶ୍ରୀମତୀ ବୋରିସ୍କୋ, ଭଗିନୀ ନିବେଦିତା, ମଦର ଟେରେସା, ଆନିବେସାନ୍ତ, ଡଃ ଜୁଲ୍‌ବର୍ଣ୍ଣ, ପ୍ରଫେସର ହରାର, ପ୍ରଫେସର କୀରେଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଆମ ଦେଶରେ ବସ୍ତୁ ବଢ଼ିଛି, ଚଳିବାର ସୁବିଧା ବଢ଼ିଛି, ମାତ୍ର ଗୋଟିଏ କଥା ସେହି ଅନୁପାତରେ ବଢ଼ିନାହିଁ, ତାହା ହେଉଛି ଦେଶାତ୍ମବୋଧ । ପରାଧୀନତା ଆଉ ନାହିଁ । ଲର୍ଡ ମେକେଲେ ନାହାନ୍ତି କି ତାଙ୍କର ଆମକୁ ଆମ ସଂସ୍କୃତିଠାରୁ ତଥା ଆମ ନିଜଠାରୁ ନିଜକୁ ଦୂରେଇ ଦେବାର ଷଡ଼ଯନ୍ତ୍ରଭରା ରିପୋର୍ଟ ଆଉ କାର୍ଯ୍ୟକାରୀ ହେବାର ଅବକାଶ ନାହିଁ । ଆମେ ନିଜେ ନିଜକୁ ଚିହ୍ନିବାର ଓ ନିଜେ ନିଜକୁ ଜାଣିବାର ସମୟ ଆସିଛି । ବିଶ୍ୱ ନାଗରିକ ହେବାର ସମୟ ଆସିଛି ।

ନିଜକୁ ଚିହ୍ନିବାର ଅର୍ଥ ନୁହେଁ ନିଜ ଭିତରେ ନିଜେ ବାନ୍ଧିହୋଇ ରହିବା, ନିଜକୁ ବୁଝିବାର ଅର୍ଥ ନୁହେଁ ନିଜ ଭିତରେ ନିଜେ ବନ୍ଧା ପଡ଼ିବା । ନିଜକୁ ଚିହ୍ନିଲେ ହିଁ

Digitized by PPRACHIN, SOA

ମୋ' ଦେଶ

ଆମେ ଅନ୍ୟକୁ ଚିହ୍ନିପାରିବା । ନିଜକୁ ବୁଝିଲେ ହିଁ ଆମେ ଅନ୍ୟକୁ ବୁଝିପାରିବା । ତାହା ହିଁ ହେଉଛି ଜଗତୀକରଣର ମୂଳକଥା, ବିଶ୍ୱ ନାଗରିକ ହେବାର ମୂଳ ମାନସିକତା । ଜଗତୀକରଣର ମୂଳତତ୍ତ୍ୱଟି ହେଉଛି ନିଜ ମାଟିରେ ଦମ୍ଭରେ ଛିଡ଼ାହୋଇ ଅନ୍ୟ ଦେଶମାନଙ୍କରୁ ଭଲ ଭଲ କଥା ସଂଗ୍ରହ କରି ନିଜକୁ ସମୃଦ୍ଧ କରିବା । ଏହା ସବୁଦେଶ ପାଇଁ ପ୍ରଯୁଜ୍ୟ, ଆମ ଦେଶ ପାଇଁ ମଧ୍ୟ ।

ଆମ ଦେଶ ଆମ ପାଇଁ ସ୍ୱର୍ଗଠାରୁ ବଡ଼ । ଆମ ମାଟି ଆମ ପାଇଁ ଚନ୍ଦନରୁ ଅଧିକ ସୁବାସିତ । ଆମ ଦେଶକୁ ଆମେ ଯେତେ ବେଶି ଚିହ୍ନିବା ବିଶ୍ୱକୁ ସେତେ ବେଶି ଚିହ୍ନିବାକୁ ସମର୍ଥ ହେବା ।

'ମୋ ଦେଶ' ଏକ ପୁସ୍ତକ ନୁହେଁ, ପୁସ୍ତକାଟିଏ । ଆମ ଦେଶକୁ ଆମେ ଚିହ୍ନିବାର କ୍ଷୀଣ ପ୍ରୟାସଟିଏ ଏଥିରେ ଉପସ୍ଥାପିତ ହୋଇଛି । ପୁସ୍ତିକାଟିର ପ୍ରସ୍ତୁତି କ୍ଷେତ୍ରରେ ଯଥାଯଥ ଉପଦେଶ ପ୍ରଦାନ କରିଥିବାରୁ ମୁଁ ଏଇ ଅବକାଶରେ ବିଶିଷ୍ଟ ନାଟ୍ୟକାର ବରିଷ୍ଠ ଶିକ୍ଷାବିତ୍ ପ୍ରାଧ୍ୟାପକ ଶ୍ରୀ ରମେଶ ଦାସ ମହୋଦୟଙ୍କୁ କୃତଜ୍ଞତା ଜଣାଉଛି । ଆନ୍ତରିକ ସହଯୋଗ ପାଇଁ ମୋର ଶ୍ରଦ୍ଧେୟ ଛାତ୍ର ଶ୍ରୀ ବିଭୁପ୍ରସୂନଙ୍କୁ ଶୁଭାର୍ଶୀବାଦ ଜଣାଉଛି ।

ପୁସ୍ତିକାଟି ପାଠକମାନଙ୍କର ବିଶେଷତଃ ଯୁବପିଢ଼ିର ପାଠକମାନଙ୍କର ଶ୍ରଦ୍ଧାଭାଜନ ହେଲେ ଶ୍ରମ ସାର୍ଥକ ମଣିବି ।

ପ୍ରଫେସର ଶରତ ଚନ୍ଦ୍ର ରଥ
ଭୁବନେଶ୍ୱର

Digitized by PPRACHIN, SOA

ସୂଚିପତ୍ର

୧.	ଭାରତ ବନ୍ଦନା	୭
୨.	ଉତ୍କଳ ବନ୍ଦନା	୮
୩.	ଭାରତ ଗୌରବ	୯
୪.	ଭାରତ ସମ୍ବନ୍ଧେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ	୧୧
୫.	ଭାରତ ସମ୍ବନ୍ଧେ ଶ୍ରୀମାଙ୍କ ବାଣୀ	୧୪
୬.	ଭାରତ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ବାଣୀ	୧୬
୭.	ଭାରତ ସମ୍ବନ୍ଧେ ଶ୍ରୀଅରବିନ୍ଦ	୧୮
୮.	ଶିକ୍ଷା ସମ୍ବନ୍ଧେ ସ୍ୱାମୀ ବିବେକାନନ୍ଦ	୨୫
୯.	ଭାରତ – ବିଦ୍ୟାର ଦିଗ ଓ ଦିଗନ୍ତ	୨୮

Digitized by PPRACHIN, SOA

ଭାରତ ବନ୍ଦନା

ରଚନା – ବାଞ୍ଛାନିଧି ମହାନ୍ତି

(ଗାଅ) ସ୍ୱାଧୀନ ଭାରତ ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନ ରେ
ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ ଭାଲ ହିମାଚଳ ଗିରିବର କମ୍ପିତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନ ରେ । ଧ୍ରୁ ।
କମ୍ପେ ବିନ୍ଧ୍ୟଗିରି କାନନ କୁଞ୍ଜେ
ଲମ୍ଫେ ନିର୍ଝରିଣୀ ପ୍ରପାତ ପୁଞ୍ଜେ
ଚପଳା ଚମକେ ଗଗନେ ପୁଲକେ ନୀରଦ ବିଲୀନ ରେ । ୧ ।

ପାବନୀ ଗଙ୍ଗା ଯମୁନା ସଙ୍ଗେ
ସିନ୍ଧୁ ମହାନଦୀ କାବେରୀ ରଙ୍ଗେ
ପ୍ଲାବିତ ଭୁବନ ସୁରଧୁନୀ ଶୋଭନ ସୂଚିତ ସ୍ୱାଧୀନ ରେ । ୨ ।

ବଙ୍ଗୋପସାଗର ଉତ୍କଳ ଦେଶେ
ନର୍ତ୍ତନ କୀର୍ତ୍ତନ ଉନ୍ନତ ବେଶେ
ଅଙ୍ଗେ ରଙ୍ଗେ ତରଙ୍ଗ ଭଙ୍ଗେ ସୂଚିତ ସ୍ୱାଧୀନ ରେ । ୩ ।

ଜାତୀୟ କେତନ ଉଡ଼ଇ କି ଗର୍ବ
ଅରିକୁଳ ଦର୍ପ କରିବ କି ଖର୍ବ
(ସେତ) ଜାତୀୟ ଗୌରବ, ଜାତୀୟ ସମ୍ପଦ, ଜାତୀୟ ଜୀବନ ରେ । ୪ ।

卐

Digitized by PPRACHIN, SOA

ଉତ୍କଳ ବନ୍ଦନା

ରଚନା – ବାଞ୍ଛାନିଧି ମହାନ୍ତି

ହେ ମା ଉତ୍କଳ ଜୟ ମା ବନ୍ଦେ
ବନ୍ଦେ ଜନନୀ ଗୋ ପଦାରବିନ୍ଦେ । ଘୋଷା ।
ଗିରିବର ମଣ୍ଡିତ–ରୁଚିରଶରୀରା
ତାଳ–ତମାଳ–ସୁଶୋଭିତ–ତୀରା
କଳକଳ–ନାଦ–ନିନାଦିତ–ତଟିନୀ–
–ପୂତ–ସଲିଳ ମାଗୋ ପ୍ରବାହିତ ମନ୍ଦେ । ୧ ।

ଶସ୍ୟ–ସୁଶ୍ୟାମଳ–ରାଜିତ–କ୍ଷେତ୍ରା
କୁସୁମିତ–ଉପବନ–ବିନୋଦିତ–ନେତ୍ରା
ସୁବାସିତ–ସୌରଭ–ଆମୋଦିତ କୁଞ୍ଜେ
କୂଜିତ–କୋକିଳ–ସୁଲଳିତ–ଛନ୍ଦେ । ୨ ।

ନୀଳ–ଅଚଳ–ନୀଳ–ସିନ୍ଧୁ–ତରଙ୍ଗା
ପୁଣ୍ୟକ୍ଷେତ୍ରପୀଠ–ସାଧୁ–ସୁସଙ୍ଗା
ଚାରୁ–ଶିଳ୍ପ–ରାଜି–ଅଗଣିତ–ତୀର୍ଥା
ଧର୍ମ–କର୍ମ–ବୀର–ଜନନୀ ଗୋ–ବନ୍ଦେ । ୩ ।

Digitized by PPRACHIN, SOA

ଭାରତ ଗୌରବ

ଜାତୀୟ କବି ବୀରକିଶୋର

ସେ ଦିନର କଥା ଏ’ ତ ଯେ ଦେଶ ସନ୍ତାନ
ଚିକାଗୋ ସଭାରେ ଦେଇ ମହାତତ୍ତ୍ୱ ଜ୍ଞାନ,
ଭାରତ ହୃଦୟ କଥା କହିଲା ବୁଝାଇ
ଉଲ୍ଲାସେ ରହିଲେ କୋଟି ନରନାରୀ ଚାହିଁ;
ସେ ଦେଶରେ ଭାଇ ମୋର ହୋଇଛି ଉଦୟ;
ସେ ଦେଶର ହେବ ନାହିଁ କେବେହିଁ ବିଲୟ ।
ଯେ ଦେଶରେ ରାଜା ଋଷି ଶ୍ରୀରାମ ମୋହନ,
ବେଦରୁ ଅମୃତ ଫଳ କରିଲେ ଚୟନ
ଚଖାଇଲେ ଡାକି ଡାକି ପ୍ରତି ନର ନାରୀ,
ସେ ଦେଶର ଭବିଷ୍ୟତ ପାରିଛି ମୁଁ ବାରି ।
ଯେ ଦେଶେ ନିତାଇ ପ୍ରେମ ଗୀତ ଗାଇ ଗାଇ,
ଘରେ ଘରେ ଡାକଦେଲା ଆସ ଆସ ଭାଇ;
ଡାକ ଶୁଣି ନର ନାରୀ ହେଲେ ଆତ୍ମହରା,
କିଏ ସେ ରାଗରେ ତାକୁ ଫିଙ୍ଗିଲା ଖପରା;
ଫାଟିଗଲା ଶିର ତାର ବହିଲା ଶୋଣିତ
ତେବେ ସୁଧା ନ ଟଳିଲା ନିତାଇର ଚିତ୍ତ,
ଭାଇ ଭାଇ ଡାକି କଲା ସମସ୍ତଙ୍କୁ କୋଳ
ମହାନନ୍ଦେ ମହାପ୍ରେମେ ହୋଇଗଲା ଭୋଳ :
ସେ ଦେଶେ ଜନମ ମୁହିଁ ନେଇଛି ଏଥର,
ସବୁ ସହିପାରେ କରି ଛାତିକି ପଥର ।

Digitized by PPRACHIN, SOA

୬

ଯେ ଦେଶର ଚାଟ ଭକ୍ତ ଧ୍ରୁବ, ପ୍ରହ୍ଲାଦ
ସାଧିଲେ ନୀରବ ଯୋଗ, ସାଧନା ଅଗାଧ,
ସାତ ବରଷର ଧ୍ରୁବ ଲଭି ଧର୍ମ ଜ୍ଞାନ
ସହି ତ ପାରିଲା ନାହିଁ ଆତ୍ମ ଅପମାନ,
ଘୋର ବନେ ଆରମ୍ଭିଲା ମହାତପ ଯାଇ
ଧନ୍ୟ ହେଲି ସେହି ଦେଶେ ଜନମି ମୁଁ ଭାଇ ।
ଧନ୍ୟ ହେଲି ପ୍ରହ୍ଲାଦ ନାମ ଧରି ଆଜି
ଯେତେ ତାକୁ ଭୁଲାଇଲେ ନ ହେଲା ସେ ରାଜି ।
ରାଜି ହେଲା ନାହିଁ ଭାଇ ଦେଖାଇଲା ଛାତି
ଛାତି ପରେ ଛିଡ଼ା ହେଲା ଆସି ମତ୍ତ ହସ୍ତୀ ।
ମତ୍ତହସ୍ତୀ ପଦ ତଳେ ମଲା ନାହିଁ ଯହୁଁ
ପର୍ବତ ଶୃଙ୍ଗରୁ ତାକୁ ଗଡ଼ାଇଲେ ତହୁଁ
ତେବେ ସୁଦ୍ଧା ନ ପାରିଲେ ତା' ପଣ ଛଡ଼ାଇ ।
ଆତ୍ମବଳେ ଉଭା ହେଲା ପ୍ରହ୍ଲାଦ ବୀର
କି କରିବେ ଛେଚି ତାର ମାଟିର ଶରୀର ?
ଆତ୍ମବଳେ ଛିଡ଼ା ହୋଇ ରଖିଲା ତା' ପଣ
ସେ ଦେଶ ମାଟିରେ ମୋର ଗଢ଼ା ଏ ଜୀବନ ।

* * * *

('ଧର୍ମବାଣୀ' କବିତାରୁ ଆନୀତ)

卐

Digitized by PPRACHIN, SOA

ଭାରତ ସମ୍ବନ୍ଧେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ

୧. ଆମର ପବିତ୍ର ମାତୃଭୂମି ଧର୍ମ ଓ ଦର୍ଶନର ଦେଶ–ଧର୍ମବୀରଗଣଙ୍କର ଜନ୍ମସ୍ଥାନ, ତ୍ୟାଗର ଦେଶ । କେବଳ ଏହି ଦେଶରେ ହିଁ ସୁଦୂର ଅତୀତରୁ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ମାନବଜୀବନର ମହତ୍ତର ଆଦର୍ଶଗୁଡ଼ିକ ବିଦ୍ୟମାନ ଅଛି । ତତ୍ତ୍ୱଦୃଷ୍ଟି, ଭଗବଦ୍‌–ପରାୟଣତା ଏବଂ ନୀତିବିଜ୍ଞାନର ପ୍ରଗତିସ୍ଥଳ ଏହି ଭାରତ ମାଧୁର୍ଯ୍ୟ, କୋମଳତା ଓ ମାନବପ୍ରୀତିର ଆକର । ଏସବୁ ହିଁ ଏବେ ମଧ୍ୟ ବିଦ୍ୟମାନ ଏବଂ ସମଗ୍ର ଜଗତର ଅଭିଜ୍ଞତା ବଳରେ ମୁଁ ଜୋର କରି କହିପାରେ ଯେ ଏସବୁ ବିଷୟରେ ଭାରତ ଏବେବି ଜଗତର ଜାତିପୁଞ୍ଜ ମଧ୍ୟରେ ଅଗ୍ରଣୀ ।

୨. ଯେତେବେଳେ ଗ୍ରୀସ୍‌ର ଜନ୍ମ ହୋଇନାହିଁ, ରୋମ୍‌ର କଥା କେହି ଭାବି ନାହିଁ, ବର୍ତ୍ତମାନର ୟୁରୋପୀୟମାନଙ୍କର ପୂର୍ବପୁରୁଷମାନେ ବିଚିତ୍ର ଅଙ୍ଗରାଗରେ ରଞ୍ଜିତ ଅସଭ୍ୟ ଅରଣ୍ୟବାସୀ ମାତ୍ର ଥିଲେ, ସେହି ସୁଦୂର ଯୁଗରେ ଭାରତ ତାହାର ସଂସ୍କୃତିର ସାଧନାରେ କର୍ମମୁଖର ଥିଲା ।

୩. ବିଶ୍ୱର ଇତିହାସ ପର୍ଯ୍ୟାଲୋଚନା କର–ଯେଉଁଠି କୌଣସି ସୁମହାନ୍ ଆଦର୍ଶର

Digitized by PPRACHIN, SOA

ସନ୍ଧାନ ମିଳିବ, ଦେଖିବାକୁ ପାଇବ ଜନ୍ମ ତାଂର ଭାରତବର୍ଷରେ । ସ୍ମରଣାତୀତ କାଳରୁ ଭାରତ ମାନବସମାଜ ପାଖରେ ଅମୂଲ୍ୟ ଭାବସମୂହର ଖଣିସ୍ୱରୂପ ହୋଇ ରହିଛି । ବସ୍ତୁତଃ ଏହି ଦେଶରୁ ହିଁ ଦାର୍ଶନିକ ଓ ଆଧ୍ୟାତ୍ମିକ ଭାବତରଙ୍ଗ ଉଚ୍ଛ୍ୱସିତ ହୋଇ ବାରମ୍ବାର ଜଗତକୁ ପ୍ଲାବିତ କରିଛି ।

୪. ତୁମ୍ଭେମାନେ ଧର୍ମରେ ବିଶ୍ୱାସ କର ବା ନକର, ଯଦି ଜାତୀୟ ଜୀବନକୁ ଅବ୍ୟାହତ ରଖିବାକୁ ଚାହଁ, ତେବେ ଅଧ୍ୟାତ୍ମବିଦ୍ୟାକୁ ସବଳ ହସ୍ତରେ ଧରି ରଖିବାକୁ ହେବ । ଏକ ହାତରେ ତାହା ଧରିଥାଅ, ଅନ୍ୟ ହାତ ବଢ଼ାଇ ଅପରାପର ଜାତି ନିକଟରେ ଯାହା ଶିକ୍ଷଣୀୟ ଅଛି, ତାହାର ଆବେଶ କର ।

୫. ସ୍ତ୍ରୀ ଜାତିର ଅଭ୍ୟୁଦୟ ନ ହେଲେ ଭାରତର କଲ୍ୟାଣର ଆଶା ନାହିଁ । ଏକ ପକ୍ଷରେ ପକ୍ଷୀର ଉଡ୍‌ଡୟନ ସମ୍ଭବ ନୁହେଁ । ସେଥିପାଇଁ ରାମକୃଷ୍ଣ ଅବତାରରେ ସ୍ତ୍ରୀ–ଗୁରୁ ଗ୍ରହଣ । ସେଥିପାଇଁ କେବଳ ମାତୃଭାବରେ ପ୍ରଚାର । ପ୍ରାଚୀନ ସ୍ମୃତିକାର ମନୁ କହିଛନ୍ତି, ''ନାରୀର ସମ୍ମାନରେ ଦେବତାମାନେ ତୃପ୍ତ ହୁଅନ୍ତି ।

୬. ହେ ମୋର ଯୁବକ ବନ୍ଧୁଗଣ ! ତୁମେ ସବଳ ହୁଅ, ଏହା ହିଁ ତୁମ ପ୍ରତି ମୋର ଉପଦେଶ । ଗୀତା ପାଠ ଅପେକ୍ଷା ଫୁଟବଲ ଖେଳିଲେ ତୁମେ ସ୍ୱର୍ଗର ଅଧିକତର ସମୀପବର୍ତ୍ତୀ ହେବ । ତୁମ ଶରୀର ଟିକେ ଶକ୍ତ ହେଲେ ତୁମେ ଗୀତା ଅପେକ୍ଷାକୃତ ଭଲ ବୁଝିବ ।

୭. ସଦର୍ପରେ ଡାକି କୁହ–ପ୍ରତ୍ୟେକ ଭାରତବାସୀ ମୋର ଭାଇ, ଭାରତବାସୀ ମୋର ପ୍ରାଣ, ଭାରତର ଦେବଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁଶଯ୍ୟା, ମୋର ଯୌବନର ଉପବନ, ମୋର ବାର୍ଦ୍ଧକ୍ୟର ବାରାଣସୀ । କୁହ ଭାଇ–ଭାରତର ମୃତ୍ତିକା ଆମର ସ୍ୱର୍ଗ, ଭାରତର କଲ୍ୟାଣ ଆମର କଲ୍ୟାଣ ।

୮. ଦେଶରେ ଯୁବକମାନଙ୍କ ଉପରେ ମୋର ଗଭୀର ଆସ୍ଥା ଅଛି । ଦଶବର୍ଷ ମୁଁ ସାରା ଭାରତରେ ବୁଲିଛି । ମୋର ସ୍ଥିର ଧାରଣା ହୋଇଛି ଯେ ଭାରତରେ ଯୁବସମାଜରୁ ଯେଉଁ ଶକ୍ତି ଆସିବ, ତାହା ଭାରତକୁ ପୁନରାୟ ତା'ର ଯଥାର୍ଥ ଆଧ୍ୟାତ୍ମିକ ମହିମାରେ ଉଜ୍ଜୀବିତ କରିବ ।

Digitized by PPRACHIN, SOA

୯. ଏ ଦେଶକୁ (ପାଶ୍ଚାତ୍ୟ ଦେଶକୁ) ଆସିବା ପୂର୍ବରୁ ଭାରତକୁ ମୁଁ ଭଲ ପାଉଥିଲି; କିନ୍ତୁ ବର୍ତ୍ତମାନ ଭାରତବର୍ଷର ଧୂଳିକଣାଟି ପର୍ଯ୍ୟନ୍ତ ମୋ ପାଖରେ ଶୁଚିବୋଲା; ଭାରତର ବାୟୁ ମୋ ନିକଟରେ ପବିତ୍ର । ଭାରତ ପୁଣ୍ୟଭୂମି, ମହାତୀର୍ଥ ।

୧୦. ଏହି ସେହି ଭାରତ, ଯାହା ବହୁ ଶତାବ୍ଦୀର ଘାତ-ପ୍ରତିଘାତ, ଶତଶତ ବୈଦେଶିକ ଆକ୍ରମଣ, ଶତ ଶତ ଅଭିନବ ସାମାଜିକ ପ୍ରଥା ଓ ଆଚାରର ଆବିର୍ଭାବ ସତ୍ତ୍ୱେ ଏପର୍ଯ୍ୟନ୍ତ ବଞ୍ଚି ରହିଛି । ବାସ୍ତବିକ ଭାରତର ଜୀବନ ଅମର, ପ୍ରାଣଶକ୍ତି ଅଫୁରନ୍ତ । ତାହା ଭୂପୃଷ୍ଠର ଯେକୌଣସି ପର୍ବତ ଅପେକ୍ଷା ବି ଅଟଳ, ବସ୍ତୁତଃ ଭାରତର ଜୀବନ ଆତ୍ମା ପରି ଅନାଦି, ଅନନ୍ତ ଓ ଅନିର୍ବାଣ ।

୧୧. ପିତାମାତାଙ୍କୁ ପ୍ରତ୍ୟକ୍ଷ ଦେବତାରୂପେ ଜାଣି ଗୃହୀ ବ୍ୟକ୍ତି ସର୍ବଦା ସର୍ବପ୍ରଯତ୍ନରେ ତାଙ୍କର ସେବା କରିବ । ଯଦି ପିତାମାତା ତୁଷ୍ଟ ରହନ୍ତି, ତେବେ ସେ ବ୍ୟକ୍ତିଙ୍କ ପ୍ରତି ଭଗବାନ ମଧ୍ୟ ପ୍ରୀତ ହୁଅନ୍ତି ।

卐

ମୁଁ ବିଶ୍ୱାସ କରେ ଭାରତବର୍ଷ ଏକ, ଅଖଣ୍ଡ ଓ ଅବିନଶ୍ୱର । ଏକ ଆବାସସ୍ଥଳି, ଏକ ଆକୃତି ଓ ଏକ ସମଷ୍ଟିଗତ ପ୍ରୀତିରୁ ହିଁ ଜାତୀୟ ଏକତାର ଉଦ୍ଭବ ହୁଏ । ବେଦ-ଉପନିଷଦ୍‌ର ମନ୍ତ୍ରବାଣୀରେ ଯେଉଁ ଶକ୍ତିର ଲୀଳା, ବିଶ୍ୱର ଧର୍ମ ଓ ରାଷ୍ଟ୍ରରେ ଯାହାର ଖେଳା, ବିଦ୍ୱାନର ବିଦ୍ୟାରେ ଏବଂ ଋଷିର ଧ୍ୟାନରେ ଯାହାର ପରିପ୍ରକାଶ, ମୁଁ ବିଶ୍ୱାସ କରେ ସେହି ଶକ୍ତି ହିଁ ଆଜି ଆମମାନଙ୍କ ଭିତରେ ଜାଗି ଉଠିଛି । ସେହି ଶକ୍ତିର ନାମ ଜାତୀୟତା । ମୁଁ ବିଶ୍ୱାସ କରେ, ବର୍ତ୍ତମାନ ଭାରତର ମୂଳଦୁଆ ରହିଛି ପ୍ରାଚୀନ ଭାରତର ଐତିହ୍ୟରେ । ସମ୍ମୁଖରେ ତା'ର ଗୌରବୋଜ୍ଜ୍ୱଳ ଭବିଷ୍ୟତ ।

-ଭଗିନୀ ନିବେଦିତା

Digitized by PPRACHIN, SOA

ଭାରତ ସମ୍ବନ୍ଧେ ଶ୍ରୀମାଙ୍କ ବାଣୀ

୧. ପୃଥିବୀର କଲ୍ୟାଣ ନିମିତ୍ତ ଭାରତକୁ ରକ୍ଷା କରିବାକୁ ହେବ । କାରଣ ଭାରତ ହିଁ ଏକମାତ୍ର ଦେଶ ଯିଏ ପୃଥିବୀକୁ ଶାନ୍ତି ଓ ନୂତନ ସାମାଜିକ ଶୃଙ୍ଖଳା ସ୍ଥାପନା କରିବାରେ ନେତୃତ୍ୱ ଦେବ ।

୨. ଭାରତ ତା'ର ଲକ୍ଷ୍ୟର ଚରମାବସ୍ଥାରେ ପହଞ୍ଚିବ ଏବଂ ପୃଥିବୀରେ ସତ୍ୟର ବାର୍ତ୍ତା ପ୍ରଚାର କରିବ ।

୩. ଭାରତର ଭବିଷ୍ୟତ ଖୁବ୍ ସ୍ପଷ୍ଟ । ଭାରତ ହିଁ ଜଗତର ଗୁରୁ । ପୃଥିବୀର ଭବିଷ୍ୟତ ରୂପରେଖ ଭାରତ ଉପରେ ନିର୍ଭର କରେ । ଭାରତ ହିଁ ଜୀବନ୍ତ ଆତ୍ମା । ଭାରତବର୍ଷ ପୃଥିବୀରେ ଦିବ୍ୟ ଅଧ୍ୟାତ୍ମଜ୍ଞାନକୁ ମୂର୍ତ୍ତ କରୁଛି ।

୪. ଭଗବାନଙ୍କର ସଂକଳ୍ପକୁ ଅନୁସରଣ କରି ଭାରତ ଅଧ୍ୟାତ୍ମ ପର୍ବତଶିଖରରେ ଜ୍ୟୋତିଷ୍ମାନ ହୋଇଉଠିବ ଏବଂ ସତ୍ୟର ପଥ ଦେଖାଇବା ସଂଗେସଂଗେ ଆଣିଦେବ ପୃଥିବୀରେ ଐକ୍ୟ ।

Digitized by PPRACHIN, SOA

୫. ଭାରତର ଅଧ୍ୟାତ୍ମଜ୍ଞାନ ଥିଲା ଓ ଅଛି, କିନ୍ତୁ ସେ ଜଡ଼କୁ ଅବହେଳା କଲା । ସେଥିଲାଗି ଦୁଃଖ ଭୋଗିଲା । ପାଶ୍ଚାତ୍ୟର ଜଡ଼ ସମ୍ବନ୍ଧୀୟ ଜ୍ଞାନ ଅଛି, କିନ୍ତୁ ସେ ଆତ୍ମାକୁ ପ୍ରତ୍ୟାଖ୍ୟାନ କଲା ଓ ସେଥିଲାଗି ତାକୁ ଅତି ଶୋଚନୀୟ ପରିଣତି ଭୋଗ କରିବାକୁ ପଡୁଛି ।

୬. ମୋର ଇଚ୍ଛା ଯେ ସରକାର ଯୋଗକୁ ଶିକ୍ଷାର ଅଙ୍ଗ ରୂପେ ସ୍ୱୀକାର କରନ୍ତୁ । ଆମ ଲାଗି ସରକାର ତାହା କରନ୍ତୁ ବୋଲି ମୁଁ କହୁନାହିଁ, ମୋଟେ ନୁହେଁ ମାତ୍ର ତାହା ଦ୍ୱାରା ଦେଶର ମଙ୍ଗଳ ହେବ ବୋଲି ମୁଁ ତାହା କହୁଛି । ଏହାଦ୍ୱାରା ଜଡ଼ର ରୂପାନ୍ତର ଘଟିବ ଏବଂ ଏକ ଦୃଢ଼ଭୂମି ସମ୍ଭବ ହୋଇଯିବ । ଜୀବନ ଦିବ୍ୟଜୀବନରେ ପରିଣତ ହେବ । ଏଥିରେ ଭାରତବର୍ଷ ହିଁ ନେତୃତ୍ୱ ଗ୍ରହଣ କରୁ ।

୭. ଆଗାମୀ ପୃଥିବୀର ଗୁରୁ ହେବା ଭାରତର ଭବିତବ୍ୟ ।

୮. ବର୍ତ୍ତମାନର ସମସ୍ତ ଅସୁବିଧାସତ୍ତ୍ୱେ ଏହା ସ୍ୱୀକାର୍ଯ୍ୟ ଯେ ଭାରତର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ।

୯. ଭାରତବର୍ଷ ନଦୀନାଳ, ପାହାଡ଼ପର୍ବତ ଥିବା ଏକ ଭୂମିଖଣ୍ଡ ନୁହେଁ ଅଥବା ଏଠାରେ ବାସ କରୁଥିବା ବ୍ୟକ୍ତିମାନଙ୍କର ସମାହାର ସଂଶ୍ଳିଷ୍ଟ ଏକ ନାମ ମାତ୍ର ନୁହେଁ, ଏହା ଏକ ଜୀବନ୍ତ ସତ୍ତା, ଜୀବନ୍ତ ଦେବୀ ।

୧୦. ଯଥାର୍ଥ ଆଧ୍ୟାତ୍ମିକତା ଜୀବନକୁ ପ୍ରତ୍ୟାଖ୍ୟାନ କରେ ନାହିଁ, ବରଂ ଦିବ୍ୟପୂର୍ଣ୍ଣତାରେ ପୂର୍ଣ୍ଣକରି ଗଢ଼ି ତୋଳେ । ଏହି କଥା ବର୍ତ୍ତମାନ ଭାରତବର୍ଷ ସମଗ୍ର ପୃଥିବୀକୁ ଶିକ୍ଷାଦେବା ଆବଶ୍ୟକ ।

୧୧. ଭାରତର ସର୍ବପ୍ରଥମ ସମସ୍ୟା ହେଲା ନିଜର ଆତ୍ମାକୁ ଆବିଷ୍କାର କରିବା ଓ ଅଭିଶପ୍ତ କରିବା ।

Digitized by PPRACHIN, SOA

ଭାରତ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ବାଣୀ

୧. ଭାରତବର୍ଷ ଯଦି ସଂକଳ୍ପ କରେ ତେବେ ସମଗ୍ର ମାନବଜାତି ଆଜି ଯେଉଁ ସମସ୍ତ ସମସ୍ୟା ନେଇ ବିବ୍ରତ, କିଂକର୍ତ୍ତବ୍ୟ ବିମୂଢ଼ ହୋଇପଡ଼ିଛି, ସେ ସବୁର ଦେଇପାରେ ଏକ ଅବ୍ୟର୍ଥ ମୀମାଂସା ଓ ଯଥାଯଥ ସମାଧାନ ।

୨. ଭାରତ ମାଟି, ଗୋଡ଼ି ପଥରରେ ଗଢ଼ା ଏକ ଜଡ଼ ପିଣ୍ଡ ନୁହେଁ, ଏହା ଏକ ଜାଗ୍ରତ ଚେତନା ।

୩. ଭାରତ ଚିରଦିନ ବଞ୍ଚି ରହିଛି ବିଶ୍ୱମାନବଙ୍କ ସକାଶେ, ନିଜ ସକାଶେ ନୁହେଁ, ଆଉ ଆଜି ତାକୁ ବଡ଼ ହେବାକୁ ହେବ, ବିଶ୍ୱମାନବ ସମାଜ ପାଇଁ, ନିଜ ପାଇଁ ନୁହେଁ ।

୪. ପାଶ୍ଚାତ୍ୟର ବିଜ୍ଞାନକୁ, ଯୁକ୍ତିକୁ, ଉନ୍ନତିଶୀଳତାକୁ ତଥା ଆଧୁନିକ ଯୁଗର ସକଳ ମୂଳ ସତ୍ୟକୁ ଆମେ ଗ୍ରହଣ କରିବା, କିନ୍ତୁ ଆମ ନିଜସ୍ୱ ଜୀବନଧାରା ଉପରେ ଛିଡ଼ା ହୋଇ ଆମର ଅଧ୍ୟାତ୍ମ ଆଦର୍ଶ ଓ ଲକ୍ଷ୍ୟ ସହ ମିଳାଇ ଧରି ।

୫. ଭାରତର ନବଜନ୍ମର ସର୍ବପ୍ରଥମ ଓ ସର୍ବପ୍ରଧାନ କାର୍ଯ୍ୟ ହେବ ଭାରତୀୟ ପ୍ରାଚୀନ ଆଧ୍ୟାତ୍ମିକ ଜ୍ଞାନର ପୁନଃପ୍ରତିଷ୍ଠା–ପୂର୍ବପରି ଗଭୀର ସମୃଦ୍ଧି, ଅଖଣ୍ଡ ଭାବରେ ସକଳ ମହିମାରେ ତାହାକୁ ଭରପୂର କରିବା । ଦ୍ୱିତୀୟ କାର୍ଯ୍ୟ ହେଲା ଏହି

Digitized by PPRACHIN, SOA

ଆଧ୍ୟାତ୍ମିକତାକୁ ସାହିତ୍ୟ, ବିଜ୍ଞାନ, ଦର୍ଶନ, ଶିଳ୍ପ ସବୁ ପ୍ରକାର ଅନୁସନ୍ଧାନର ନୂତନ ରୂପାୟନରେ ପ୍ରବାହିତ କରାଇବା । ତୃତୀୟ କାର୍ଯ୍ୟ ହେଲା ସର୍ବାପେକ୍ଷା କଠିନ କାର୍ଯ୍ୟ । ଭାରତର ଅନ୍ତରାତ୍ମାର ଦୃଷ୍ଟିକୋଣରୁ ସଂପୂର୍ଣ୍ଣ ନୂତନ ଭାବେ ଆଧୁନିକ ସମସ୍ତ ସମସ୍ୟାର ସମାଧାନର ଚେଷ୍ଟା କରିବା ଏବଂ ସମାଜକୁ ଆଧ୍ୟାତ୍ମିକତାର ଜାଗ୍ରତ ରୂପରେ ଗଢ଼ିବା ଲାଗି ଗୋଟିଏ ସମନ୍ୱୟ ସୂତ୍ର ଆବିଷ୍କାର କରିବା । ଏହି ତିନିଗୋଟି ଧାରାରେ ଭାରତର ନବଜନ୍ମ ସଫଳ ହେବ ।

୬. ଭାରତୀୟ ସଭ୍ୟତା ଏପରି ଏକ ମହାନ ସଂସ୍କୃତିର ସଂଗଠନ ଓ ଅଭିବ୍ୟକ୍ତି, ଯାହାର ମହତ୍ତ୍ୱ ମାନବ ଜାତିର ସମକକ୍ଷ । ଏହା ଧର୍ମ ବିଷୟରେ ମହତ, ବିବିଧ ଭାବଧାରାରେ ମହତ, ସାହିତ୍ୟ, କଳା ଓ କାବ୍ୟରେ ମହତ, ସମାଜ ସଂଗଠନ ଓ ରାଜନୀତି କ୍ଷେତ୍ରରେ ମହତ ଏବଂ ଶିଳ୍ପ ନୈପୁଣ୍ୟ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ମହତ ।

୭. ପୃଥିବୀକୁ ଭାରତର ଆଧ୍ୟାତ୍ମିକ ଦାନ ଆରମ୍ଭ ହୋଇଗଲାଣି । ଭାରତର ଆଧ୍ୟାତ୍ମିକତା ଇଉରୋପ ଓ ଆମେରିକାକୁ ସଦା କ୍ରମ ବର୍ଦ୍ଧମାନ ଭାବରେ ପ୍ରବେଶ କରୁଛି, ସେହି ଗତି କ୍ରମେ କ୍ରମେ ବୃଦ୍ଧି ପାଇବ ।

୮. ଭାରତ ଯଦି ମୁକ୍ତ ନହୁଏ ତେବେ ମଣିଷ ମଧ୍ୟ ମୁକ୍ତ ହୋଇପାରିବ ନାହିଁ । ଅନ୍ୟ ଦେଶର ଲୋକମାନେ କେବଳ ନିଜକଥା ଭାବନ୍ତି, ଭାରତବାସୀ ନିଜ କଥା ଭାବିବାବେଳେ, ସମଗ୍ର ବିଶ୍ୱ କଥା ଭାବନ୍ତି ।

୯. ଭାରତ ଧ୍ୱଂସ ହୋଇ ନପାରେ, ଆମ୍ଭମାନଙ୍କ ଜାତି ଲୁପ୍ତ ହୋଇ ନପାରେ କାରଣ ମାନବ ଗୋଷ୍ଠି ସମୂହ ଭିତରେ ଭାରତ ସକାଶେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ରହିଅଛି, ସମଗ୍ର ମାନବ ଜାତିର ଭବିଷ୍ୟତ ହିତାର୍ଥେ ଅପରିହାର୍ଯ୍ୟ ଏକ ଉଜ୍ଜ୍ୱଳତମ ମହତ୍ତର ସିଦ୍ଧି ସକାଶେ ଏହା ଅଭିପ୍ରେତ ।

୧୦. ଭାରତର ପ୍ରଧାନ ଦୁର୍ବଳତାର କାରଣ ଦାରିଦ୍ର୍ୟ ନୁହେଁ, ଅଧ୍ୟାତ୍ମ ବୋଧ ବା ଧର୍ମର ଅଭାବ ନୁହେଁ, କିନ୍ତୁ ଚିନ୍ତାଶକ୍ତିର ହ୍ରାସ, ଜ୍ଞାନର ଜନ୍ମଭୂମିରେ ଅଜ୍ଞାନତାର ବିସ୍ତାର । ସର୍ବତ୍ର ଦେଖାଯାଇଛି ଚିନ୍ତା କରିବାର ଅକ୍ଷମତା, ଅନିଚ୍ଛା ବା ଚିନ୍ତାର ଆତଙ୍କ ।

卐

Digitized by PPRACHIN, SOA

ଭାରତ ସମ୍ବନ୍ଧେ ଶ୍ରୀଅରବିନ୍ଦ

ଭାରତୀୟ ସଂସ୍କୃତି ଆତ୍ମାକୁ ଆମ ସତ୍ତାର ସତ୍ୟରୂପେ ଏବଂ ଜୀବକୁ ଆତ୍ମାର ଅଭିବୃଦ୍ଧି ଓ କ୍ରମବିକାଶରୂପେ ସ୍ୱୀକାର କରିଆସିଛି । ଏହା ଦେଖିଛି ସେଇ ଶାଶ୍ୱତଙ୍କୁ, ଅନନ୍ତଙ୍କୁ, ପରମବିଧାତାଙ୍କୁ, ସେଇ ସର୍ବମୟ କର୍ତ୍ତାଙ୍କୁ,: ଏ ସଂସ୍କୃତି ସମସ୍ତଙ୍କର ନିଗୂଢ଼ ପରମାତ୍ମାରୂପେ ତାଙ୍କୁ ହିଁ ଦେଖିଛି, ଏହାଙ୍କୁ ହିଁ ସେ ଡାକିଛି ପ୍ରଭୁ ବୋଲି, କହିଛି ଚିରନ୍ତନ, ପରମ ସତ୍‌ପୁରୁଷ ବୋଲି ଏବଂ ମଣିଷକୁ ଅନୁଭବ କରିଛି ପ୍ରକୃତି ମଧ୍ୟରେ ବିରାଜିତ ଭାଗବତ ସତ୍ତାର ଆତ୍ମା ଓ ଶକ୍ତି ବୋଲି । ଏଇ ଆତ୍ମନ୍ ଅଭିମୁଖେ, ଭଗବାନଙ୍କ ଅଭିମଖେ, ବିଶ୍ୱ ଚରାଚରବ୍ୟାପୀ ଶାଶ୍ୱତ ଅନନ୍ତପୁରୁଷଙ୍କ ଅଭିମୁଖେ ଅସୀମ ମାନବଚେତନାର କ୍ରମବର୍ଦ୍ଧିଷ୍ଣୁ ଆରୋହଣ, ପଦେ କଥାରେ କହିବାକୁ ଗଲେ ଏକ ଭାସ୍ୱରମୟ ଦେବପ୍ରକୃତି ଭିତରକୁ ତା'ର ଅତି ଇତର ଅଜ୍ଞ ପ୍ରାକୃତ ସତ୍ତାର ବିକାଶ ଭାରତୀୟ ଭାବଧାରାରେ ହେଉଛି ଜୀବନର ତାତ୍ପର୍ଯ୍ୟ ଏବଂ ମଣିଷ–ଅସ୍ତିତ୍ୱର ଲକ୍ଷ୍ୟ ।

କେବଳ ଭଗବାନଙ୍କୁ ଉପଲବ୍ଧି କରିବା ପ୍ରାଚୀନ କାଳରେ ଋଷିଗଣଙ୍କର ଲକ୍ଷ୍ୟ ନଥିଲା, ତହିଁ ସଙ୍ଗେ ସଙ୍ଗେ ସେମାନେ ଚେଷ୍ଟା କରୁଥିଲେ । ଏ ସଂସାର ଏବଂ

Digitized by PPRACHIN, SOA

ଜୀବନର ଯଥାର୍ଥ ସ୍ୱରୂପକୁ ଜାଣିବା ପାଇଁ ଏବଂ ଜ୍ଞାନବଳରେ ତାକୁ ଆୟତ୍ତକୁ ଆଣି ଏପରି ରୂପରେ ରଖିବା ପାଇଁ ଯାହାକୁ ମଣିଷ ତା’ର ବିଚାର ଓ ସଂକଳ୍ପବଳରେ ବ୍ୟବହାର କରିପାରିବ ଏକ ନିଶ୍ଚିତ ଧାରାରେ, ଏକ ସୁନ୍ଦର ପନ୍ଥା ଓ ଶୃଙ୍ଖଳାର ନିରାପଦ ଭିତ୍ତି ଉପରେ । ଏଇ ଅଧ୍ୟବସାୟର ଚରମ ପରିଣତି ହେଲା ଶାସ୍ତ୍ର । ଆମେ ଯେତେବେଳେ ଆଜିକାଲି ଶାସ୍ତ୍ର କଥା କହୁ, ଅନେକ ସମୟରେ ଆମେ ଏ କଥା କହୁ ଯେ ସେଗୁଡ଼ିକ ଧର୍ମ ଓ ସମାଜ ସମ୍ବନ୍ଧୀୟ ବିଧିବ୍ୟବସ୍ଥା ଏବଂ ମନୁ, ପରାଶର ପ୍ରଭୃତି ପ୍ରାଚୀନ ବୈଦିକ ଋଷିଗଣ ପ୍ରଣୟନ କରିଥିବାରୁ ସେଗୁଡ଼ିକ ଅତି ପବିତ୍ର । କିନ୍ତୁ ପ୍ରାଚୀନ ଭାରତରେ ଶାସ୍ତ୍ର କହିଲେ ଯେକୌଣସି ସୁବ୍ୟବସ୍ଥିତ ଶିକ୍ଷା ଓ ବିଜ୍ଞାନକୁ ବୁଝାଉଥିଲା । ଜୀବନର ପ୍ରତ୍ୟେକ ବିଭାଗ, କର୍ମର ପ୍ରତ୍ୟେକ ଧାରା, ଜ୍ଞାନର ପ୍ରତ୍ୟେକ ବିଷୟ ନିଜ ନିଜର ଶାସ୍ତ୍ର ଓ ବିଜ୍ଞାନ ଉପରେ ପ୍ରତିଷ୍ଠିତ ଥିଲା । ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ, ଯଥାଯୁକ୍ତ ସାଧାରଣ ସିଦ୍ଧାନ୍ତ, ପୂର୍ଣ୍ଣ ଅନୁଭୂତି, ବୋଧି, ଯୁକ୍ତିସଂଗତ ଓ ପରୀକ୍ଷାମୂଳକ ବିଶ୍ଳେଷଣ ଏବଂ ସମନ୍ୱୟକୁ ଭିତ୍ତି କରି ପ୍ରତ୍ୟେକ ବିଷୟକୁ ଏପରିଭାବେ ଆୟତ୍ତ କରାହୋଇଥିଲା ଏବଂ ତାତ୍ତ୍ୱିକ ଓ ବ୍ୟାବହାରିକ ଶୃଙ୍ଖଳାରେ ରଖିବାକୁ ଉଦ୍ୟମ କରାଯାଇଥିଲା ଯାହାଫଳରେ ମଣିଷ ତା’ର ଜୀବନ ପାଇଁ କେଉଁ ବସ୍ତୁ କିପରି ଫଳପ୍ରସୂ ତାହା ଚିହ୍ନିପାରି ଯଥାର୍ଥ ଜ୍ଞାନର ନିରାପଦ ଭିତ୍ତି ଉପରେ କାମ କରିଯିବାକୁ ସମର୍ଥ ହୋଇପାରିଥିଲା । ଛୋଟ ବଡ଼ ସବୁ ବିଷୟକୁ ଯତ୍ନ ଓ ମନୋଯୋଗ ସହକାରେ ପରୀକ୍ଷା କରାହେଉଥିଲା ଏବଂ ପ୍ରତ୍ୟେକଟି ବିଷୟର ଶିଳ୍ପଶାସ୍ତ୍ର ଓ ବିଜ୍ଞାନ ତିଆରି କରାହୋଇଥିଲା । ଉଚ୍ଚତମ ଆଧ୍ୟାତ୍ମିକ ଜ୍ଞାନର କଥାକୁ ଯେତେବେଳେ ଉପନିଷଦ ପରି ଏକ ପୁଞ୍ଜିଭୂତ ବୋଧିଦୀପ୍ତ ଅନୁଭୂତି ଏବଂ ଦିବ୍ୟଜ୍ଞାନର ଭାଷାରେ ବ୍ୟକ୍ତ କରା ନହୋଇ ବୌଦ୍ଧିକ ଉପଲବ୍ଧିର ଏକ ପଦ୍ଧତି ଓ ଶୃଙ୍ଖଳା ଭିତରେ ବ୍ୟକ୍ତ କରାଯାଇଛି ସେତେବେଳେ ତାହା ଶାସ୍ତ୍ରର ରୂପ ନେଇଛି ଏବଂ ସେଇ ମର୍ମରେ ଗୀତା ତା’ର ଗଭୀର ଅଧ୍ୟାତ୍ମ ଶିକ୍ଷାକୁ ଗୁହ୍ୟତମ ବିଜ୍ଞାନ ବା (ଗୁହ୍ୟତମ ଶାସ୍ତ୍ର) ନାମରେ ଅଭିହିତ କରିବାକୁ ସମର୍ଥ ହୋଇଛି । ଭାରତର ପ୍ରାଚୀନ ସଂସ୍କୃତି ତା’ର ସକଳ କ୍ରିୟାଧାରା ଭିତରେ ଏଇ ଉଚ୍ଚ ବିଜ୍ଞାନସମ୍ମତ ମତ ଓ ଦାର୍ଶନିକ ଭାବକୁ ଅକ୍ଷୁର୍ଣ୍ଣ ରଖିଥିଲା । ପ୍ରସ୍ତୁତିମୂଳକ ସାଧନାର ବାହ୍ୟରୂପ, ଏହାକୁ ସମର୍ଥନ କରୁଥିବା ଦର୍ଶନ, ତା’ର ଅନ୍ତର ସାଧନା କିମ୍ବା ଯୋଗର ପଦ୍ଧତି କିମ୍ବା ଅଧ୍ୟାତ୍ମ ଜୀବନଧାରାର ପ୍ରଣାଳୀ–ଏସବୁ ନଥିଲେ ଭାରତର କୌଣସି ଧର୍ମ ପରିପୂର୍ଣ୍ଣ ବୋଲି

Digitized by PPRACHIN, SOA

ଗୃହୀତ ହେଉ ନଥିଲା । ଏପରିକି ପ୍ରଥମ ଦୃଷ୍ଟିରେ ଯାହା ଅଯୌକ୍ତିକ ମନେହୁଏ ତହିଁରୁ ମଧ୍ୟ ପୂର୍ଣ୍ଣ ଉପଲବ୍ଧି ଏବଂ ଦାର୍ଶନିକ ବୈଶିଷ୍ଟ୍ୟ ହିଁ ଭାରତବର୍ଷରେ ସକଳ ଧର୍ମକୁ ଏପରି ଜୀବନୀଶକ୍ତି ଦେଇଛି ଓ ବେଶ୍ ନିରାପଦରେ ବଞ୍ଚେଇ ରଖିଛି ସ୍ଥାୟୀ ଭାବରେ, ଏବଂ ଆଧୁନିକ ଯୁଗର ସଂଶୟବାଦୀ ଅନୁସନ୍ଧାନର ଆତ୍ମଦ୍ରାବକ ଶକ୍ତିକୁ ପ୍ରତିରୋଧ କରିବା ପାଇଁ ସମର୍ଥ କରିଦେଇଛି । ଅନୁଭୂତି ଓ ବିଚାର ଭିତରେ ଯାହାକିଛି ଦୋଷତ୍ରୁଟି ସେସବୁକୁ ଏ ଶକ୍ତି ତରଳାଇ ଦେଇପାରେ ମାତ୍ର ଏହା ମହାନ୍ ଆର୍ଯ୍ୟ ଶିକ୍ଷାଦୀକ୍ଷାର ହୃତ୍‌ପିଣ୍ଡ ଓ ମନକୁ ତରଳାଇ ପାରିବ ନାହିଁ । କିନ୍ତୁ ଆମକୁ ଯାହା ନିରୀକ୍ଷଣ କରିବାକୁ ପଡ଼ିବ, ତାହା ହେଉଛି ଏହା ଯେ ଯେତେବେଳେ ଭାରତୀୟ ସଂସ୍କୃତି ଉଚ୍ଚ ଓ ନୀଚ ଜ୍ଞାନ ଭିତରେ କିମ୍ବା ବସ୍ତୁବିଷୟକ ଜ୍ଞାନ ଓ ଆତ୍ମଜ୍ଞାନ ଭିତରେ ପାର୍ଥକ୍ୟକୁ ଉପଲବ୍ଧି କରିଥିଲା ସେତେବେଳେ ମଧ୍ୟ ଅନ୍ୟ କେତେକ ଧର୍ମ ପରି ଏହା ସେମାନଙ୍କ ଭିତରେ ବ୍ୟବଧାନ ସୃଷ୍ଟି କରି ନଥିଲା, ତା'ର ବିବେଚନାରେ ପାର୍ଥିବ ବସ୍ତୁଜ୍ଞାନ ଥିଲା ଏକ ପ୍ରସ୍ତୁତି ଯାହା ମଣିଷକୁ ଉଠାଇ ନେଇଯାଏ ଆତ୍ମଜ୍ଞାନ ଓ ଭଗବାନଙ୍କ ଅଭିମୁଖେ । ସକଳ ଶାସ୍ତ୍ର ଋଷିମାନଙ୍କର ନାମରେ ଅନୁମୋଦନ ପାଇଥିଲେ । ସେଇ ଋଷିମାନେ ଆଚାର୍ଯ୍ୟ ନାମରେ ପରିଚିତ ଥିଲେ, କେବଳ ଅଧ୍ୟାତ୍ମ୍ୟ ଓ ଦର୍ଶନର ଆଚାର୍ଯ୍ୟ ନୁହେଁ– ଏଇଠି ଆମେ ଲକ୍ଷ୍ୟ କରିପାରୁ ଯେ ସକଳ ଭାରତୀୟ ଦର୍ଶନର, ନ୍ୟାୟ ବା ତର୍କଶାସ୍ତ୍ରର, ବୈଶେଷିକ ଦର୍ଶନର ପରମାଣୁ ତତ୍ତ୍ୱର ସର୍ବୋଚ୍ଚ ପରମ ସ୍ୱର ଓ ଚରମ ଲକ୍ଷ୍ୟ ଥିଲା ଅଧ୍ୟାତ୍ମ ଜ୍ଞାନ ଓ ମୁକ୍ତି । ସେମାନେ ମଧ୍ୟ ଶିଳ୍ପକଳା, ସାମାଜିକ, ରାଜନୈତିକ ଏବଂ ସାମରିକ, ଭୌତିକ, ଚୈତ୍ୟିକ, ସକଳ ବିଜ୍ଞାନର ଶିକ୍ଷାଦାତା ଥିଲେ ଏବଂ ପ୍ରତ୍ୟେକ ଶିକ୍ଷକ ତା'ର ଯୋଗ୍ୟତାନୁଯାୟୀ ଏକ ଗୁରୁ କିମ୍ବା ଆଚାର୍ଯ୍ୟରୂପରେ ମାନବାତ୍ମାର ଏକ ପଥପ୍ରଦର୍ଶକ କିମ୍ବା ଉପଦେଷ୍ଟା ରୂପରେ ସମ୍ମାନଲାଭ କରୁଥିଲେ । ସମସ୍ତ ଜ୍ଞାନ ଗୁନ୍ଥା ହୋଇ ଗୋଟିଏ ପରାଜ୍ଞାନରେ ପରିଣତ ହୋଇଥିଲା ଏବଂ କ୍ରମଶଃ ତାହା ଊର୍ଦ୍ଧ୍ୱଗାମୀ ହୋଇ ଚାଲିଥିଲା ଏକ ପରମ ଜ୍ଞାନ ଆଡ଼କୁ ।

ଭାରତୀୟ ଚିନ୍ତାଧାରାର ବିଶେଷତ୍ୱ ଏହି ଯେ ତାହାର ଦୃଷ୍ଟି ବାହ୍ୟରୂପ ମଧ୍ୟ ଦେଇ ଏପରିକି ଶକ୍ତିର ମଧ୍ୟ ଦେଇ ସକଳ କ୍ଷେତ୍ରରେ ଆତ୍ମାର ଅନୁସନ୍ଧାନ କରେ । ଭାରତୀୟ ଜୀବନ-ସଂକଳ୍ପର ବିଶେଷତ୍ୱ ଏହି ଯେ ସେ ଜୀବନକୁ ଅପୂର୍ଣ୍ଣ ବୋଧକରେ, ମନେକରେ ଯେ ସେ ଜୀବନ-ପୂର୍ଣ୍ଣତାର ସଂସ୍ପର୍ଶରେ ଆସି ନାହିଁ ।

Digitized by PPRACHIN, SOA

ଯେପର୍ଯ୍ୟନ୍ତ ସେ ଆତ୍ମାର ସନ୍ଧାନ ନ ପାଇଛି, ତାହା ମଧ୍ୟରେ ବାସ କରି ନପାରିଛି ସେପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ଭୋଗ ହେତୁ ସ୍ଥାୟୀ ଭାବରେ ପରିତୃପ୍ତ ହେବାର ଅଧିକାର ତାହାର ନାହିଁ । ଜଗତ୍, ପ୍ରକୃତି ଏବଂ ତାହାର ଅସ୍ତିତ୍ୱର ଯେଉଁ ଧାରଣା ସେ ପୋଷଣ କରେ ତାହା ଭୌତିକ ନୁହେଁ, କିନ୍ତୁ ତାହା ଚେତନାତ୍ମକ ଏବଂ ଆଧ୍ୟାତ୍ମିକ । ନିଷ୍କ୍ରିୟ ଜଡ଼ ବା ନିଶ୍ଚେତନ ଶକ୍ତି ଅପେକ୍ଷା ଚିଦ୍‌ବସ୍ତୁ, ଆତ୍ମା ଓ ଚୈତନ୍ୟ କେବଳ ଯେ ମହତ୍ତର ତାହା ନୁହେଁ,: ପରନ୍ତୁ ତାହା ଏହି ସକଳ କ୍ଷୁଦ୍ରତମ ବସ୍ତୁର ପୂର୍ବବର୍ତ୍ତୀ ଏବଂ ସେମାନଙ୍କର ଉତ୍ପତ୍ତିସ୍ଥଳ । ସକଳ ଶକ୍ତି ହିଁ ଅନ୍ତଃଗୂଢ଼ ଚିଦାତ୍ମାର ଶକ୍ତି । ଯେଉଁ ଶକ୍ତି ବିଶ୍ୱକୁ ସୃଷ୍ଟି ବା ରକ୍ଷା କରୁଛି ତାହା ଚୈତନ୍ୟମୟ ପରମ ଇଚ୍ଛାଶକ୍ତି ଏବଂ ବିଶ୍ୱପ୍ରକୃତି ତାହାର କାର୍ଯ୍ୟକାରୀ ଶକ୍ତିର ଯନ୍ତ୍ରସ୍ୱରୂପ । ଜଡ଼ପଦାର୍ଥ ତାହାର ମଧ୍ୟସ୍ଥ ଗୋପନ ଚେତନାର ଦେହ ବା କ୍ଷେତ୍ର, ଜଡ଼ଜଗତ ଆତ୍ମାର ହିଁ ଗୋଟିଏ ରୂପ ଓ ଗତିଧାରା । ମନୁଷ୍ୟ ମଧ୍ୟ ଜଡ଼ପଦାର୍ଥରୁ ଉତ୍ପନ୍ନ ମନ ଓ ପ୍ରାଣ ନୁହେଁ, ସେ ଚିରକାଳ ପ୍ରକୃତିର ଅଧୀନସ୍ଥ ନୁହେଁ,: ମନୁଷ୍ୟ ସ୍ୱରୂପତଃ ଆତ୍ମା, ସେ ପ୍ରାଣ ଓ ଦେହ ଧାରଣ କରିଛି ଏବଂ ସେଗୁଡ଼ିକୁ ବ୍ୟବହାର କରୁଛି । ଭାରତୀୟ ସଂସ୍କୃତିର ଅନ୍ତରତମ ଅର୍ଥ ଓ ତାତ୍ପର୍ଯ୍ୟ ହେଲା ଜୀବନ ଓ ଅସ୍ତିତ୍ୱର ଏହି ଧାରଣାରେ ସଚେତନ ଭାବରେ ବିଶ୍ୱାସ କରିବା, ତଦନୁସାରେ ଜୀବନଯାପନ କରିବା, ସଜ୍ଞାନରେ ଓ ଆଚରଣରେ ଏହି ଉଚ୍ଚସାଧନାରେ ପ୍ରତିଷ୍ଠିତ ହେବା ଏବଂ ପରିଶେଷରେ ଜୀବନ ଓ ଜଡ଼ରେ ଆବଦ୍ଧ ଏହି ଆଚରଣ ଭାଙ୍ଗିବା ଦ୍ୱାରା ଏକ ବୃହତ୍ତର ଅଧ୍ୟାତ୍ମ ଚେତନାରେ ପ୍ରବିଷ୍ଟ ହେବାର ଆସ୍ପୃହା ପୋଷଣ କରିବା । ବହୁକାଳ ଆଲୋଚିତ ଭାରତୀୟ ଆଧ୍ୟାତ୍ମିକତା ଏହାଛଡ଼ା ଆଉ କିଛି ନୁହେଁ ।

ଏ କଥା ସଂପୂର୍ଣ୍ଣ ସତ୍ୟ ଯେ ଖ୍ରୀଷ୍ଟିୟ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ କୌଣସି ଏକ ସମୟରେ ଭାରତର ବିଜ୍ଞାନଚର୍ଚ୍ଚା ହଠାତ୍ ସ୍ଥଗିତ ହୋଇଥିଲା ଏବଂ ଅନ୍ଧକାର ଓ ନିଷ୍କ୍ରିୟତାର ଗୋଟିଏ ଯୁଗର ସୂତ୍ରପାତ ହୋଇଥିଲା, ଯାହାଫଳରେ ଭାରତ ବିଜ୍ଞାନଚର୍ଚ୍ଚାରେ ଆଉ ଅଗ୍ରସର ହୋଇ ନାହିଁ ଅଥବା ବର୍ତ୍ତମାନ ଜଡ଼ବିଜ୍ଞାନଜଗତରେ ଯେଉଁ ପ୍ରଭୂତ ଉନ୍ନତିସାଧନ କରିଛି ତହିଁରେ ମଧ୍ୟ ଭାରତ ଅଂଶ ଗ୍ରହଣ କରିପାରି ନାହିଁ । କିନ୍ତୁ ଏହାର କାରଣ ଏହା ନୁହେଁ ଯେ ଅଧ୍ୟାତ୍ମଦର୍ଶନ ମନୋଭାବର ବୃଦ୍ଧି ବା ତଜ୍ଜନିତ ଅସହିଷ୍ଣୁତା ଜାତୀୟ ମନକୁ ବାହ୍ୟ ପ୍ରକୃତି ଅନୁଶୀଳନରୁ ବିଚ୍ୟୁତ କରିଥିଲା । ଏହି ସମୟରେ ସାଧାରଣ ଭାବେ ବୁଦ୍ଧିର ସକଳ କ୍ଷେତ୍ରରେ ନୂତନ ଗବେଷଣାର

Digitized by PPRACHIN, SOA

ଏକପ୍ରକାର ବିରତି ଘଟିଥିଲା । କାରଣ ଏହି ସମୟରେ ଦର୍ଶନଶାସ୍ତ୍ରର ଉନ୍ନତି ମଧ୍ୟ ବ୍ୟାହତ ହୋଇଥିଲା । ଶେଷଯୁଗର ଯେଉଁ ସକଳ ବୈଜ୍ଞାନିକ ଗବେଷଣାକାରୀଙ୍କର ନାମ ଦେଖିବାକୁ ମିଳେ, ସେମାନଙ୍କ ସମୟର ମାତ୍ର ଏକ ବା ଦୁଇଶତ ବର୍ଷ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ବୃହତ୍ ଭାବରେ ଆଧ୍ୟାତ୍ମିକ ଦର୍ଶନର ମୌଳିକ ଗବେଷଣା ଦେଖାଯାଏ । ଏହା ମଧ୍ୟ ସତ୍ୟ ଯେ ବର୍ତ୍ତମାନ ୟୁରୋପୀୟ ଦର୍ଶନ ଯେପରି ପ୍ରଧାନତଃ ଜଡ଼ପ୍ରକୃତିର ସତ୍ୟସମୂହର ଆଲୋକରେ ସତ୍ତାର ସତ୍ୟନିର୍ଣ୍ଣୟର ବୃଥାଚେଷ୍ଟା କରିଛି ଭାରତୀୟ ଅଧ୍ୟାତ୍ମ ଦର୍ଶନ ତାହା କରି ନାହିଁ । ଏହି ପ୍ରାଚୀନ ଜ୍ଞାନର ଭିତ୍ତି ବରଂ ଅନ୍ତର ପରୀକ୍ଷାମୂଳକ ମନୋବିଜ୍ଞାନ ଓ ପ୍ରଗାଢ଼ ଆତ୍ମସମ୍ବନ୍ଧୀୟ ବିଜ୍ଞାନ ଉପରେ ପ୍ରତିଷ୍ଠିତ ଥିଲା । ଏହି ସକଳ ବିଜ୍ଞାନରେ ଭାରତ ଜଡ଼ବିଜ୍ଞାନ ଅପେକ୍ଷା ଅଧିକତର ସଫଳତାର ସହିତ ଅସାଧାରଣ ଉନ୍ନତି ଲାଭ କରିଥିଲା । କିନ୍ତୁ ମନ ଏବଂ ଅନ୍ତର ଶକ୍ତିସମୂହର ଚର୍ଚ୍ଚା ଓ ଅନୁଶୀଳନ ଅବଶ୍ୟ ପ୍ରକୃତିର ଚର୍ଚ୍ଚା ଓ ଅନୁଶୀଳନର ଅନ୍ତର୍ଗତ ଭାରତପକ୍ଷରେ ଏହା ନ କରିବା ଛଡ଼ା ଅନ୍ୟ କୌଣସି ଉପାୟ ନଥିଲା,: କାରଣ ସତ୍ତାର ଆଧ୍ୟାତ୍ମିକ ସତ୍ୟକୁ ସେ ଖୋଜୁଥିଲା ଏବଂ ଏହି ଭିତ୍ତି ବ୍ୟତୀତ ପ୍ରକୃତରେ ମହତ୍ ଓ ସ୍ଥାୟୀ ଦର୍ଶନଶାସ୍ତ୍ର ସମ୍ଭବ ହୋଇପାରେ ନାହିଁ । ଏହା ମଧ୍ୟ ସତ୍ୟ ଯେ ଭାରତୀୟ ସଂସ୍କୃତି ଦାର୍ଶନିକ ସତ୍ୟ, ମନୋବିଜ୍ଞାନ ଓ ଆଧ୍ୟାତ୍ମିକ ଜଗତର ସତ୍ୟ ସହିତ ସେପରି ସାମଞ୍ଜସ୍ୟ ସ୍ଥାପନ କରିପାରି ନାହିଁ । ସେକାଳରେ ଜଡ଼ବିଜ୍ଞାନର ସେପରି ଉନ୍ନତି ହୋଇ ନଥିଲା, ଯାହାଫଳରେ ଏପରି ସାମଞ୍ଜସ୍ୟ ସ୍ଥାପିତ ହୋଇପାରନ୍ତା, ଆଧୁନିକ ଯୁଗରେ ଯେଉଁ ସାର୍ବଭୌମ ବୃହତ୍ ନିୟମାବଳୀ ଆବିଷ୍କୃତ ହୋଇଛି ସେଥିପାଇଁ ଏହିପରି ସମନ୍ୱୟ ସମ୍ଭବ ହୋଇଛି । ଏହାସତ୍ତ୍ୱେ ଏହା ଉଲ୍ଲେଖ କରିବା ଉଚିତ ଯେ ପ୍ରଥମରୁ, ବୈଦିକ ଚିନ୍ତାଧାରାର ସମୟରୁ ଭାରତୀୟ ମନ ଆଧ୍ୟାତ୍ମିକ, ମାନସିକ ଓ ଜାଗତିକ ସତ୍ତାରେ ଏକ ସାଧାରଣ ନିୟମ ଓ ଶକ୍ତିର କ୍ରିୟା ଅନୁଭବ କରିଥିଲା । ପ୍ରାଣର ସର୍ବବ୍ୟାପକତା ଭାରତୀୟମାନେ ଆବିଷ୍କାର କରିଥିଲେ । ପ୍ରକୃତି ମଧ୍ୟରେ ଉଦ୍ଭିଦ, ପଶୁ ଓ ମାନବଦେହ ମଧ୍ୟ ଦେଇ ଆତ୍ମାର କ୍ରମ ଅଭିବ୍ୟକ୍ତି ସେମାନେ ଘୋଷଣା କରିଥିଲେ । ଦାର୍ଶନିକ ତତ୍ତ୍ୱଜ୍ଞାନ, ଆଧ୍ୟାତ୍ମିକ ଓ ମାନସିକ ଅଭିଜ୍ଞତାରୁ ବହୁତ ସତ୍ୟର ବିବରଣ ସେମାନେ ଦେଇଥିଲେ ଏବଂ ସେହି ସକଳ ସତ୍ୟକୁ ବର୍ତ୍ତମାନ ଜଡ଼ବିଜ୍ଞାନର ଗବେଷଣା ତାହାର ଜ୍ଞାନର ବୈଶିଷ୍ଟ୍ୟ ଦିଗରୁ ପୁନଃସ୍ଥାପିତ କରୁଛି । ଅବଶ୍ୟ ଏହି ସକଳ ବସ୍ତୁ ଅସାର ଓ

Digitized by PPRACHIN, SOA

ଅନୁର୍ବର ଦର୍ଶନଶାସ୍ତ୍ର ଯୋଗୁଁ ଅଥବା କେବଳ ମାତ୍ର ନାଭିମୂଳରେ ନିବଦ୍ଧ-ଦୃଷ୍ଟି ବୁଦ୍ଧି-ବିଚାରଶୂନ୍ୟ ନିର୍ବୋଧ ବ୍ୟକ୍ତି ପରି ଅଜ୍ଞ ତଥା ସ୍ୱପ୍ନ ଓ କଳ୍ପନା ରାଜ୍ୟରେ ବିଚରଣଶୀଳ ବ୍ୟକ୍ତିବର୍ଗଙ୍କ ଦ୍ୱାରା ସାଧିତ ହୋଇ ନାହିଁ ।

ଭାରତୀୟ ସଂସ୍କୃତି ମାନବଜୀବନକୁ କୌଣସି ମୂଲ୍ୟ ଦିଏ ନାହିଁ,: ଜାଗତିକ ବିଷୟ ଓ କାର୍ଯ୍ୟରୁ ବିରତ ରହିବାକୁ ଚାହେ ଏବଂ ବର୍ତ୍ତମାନ ଜୀବନକୁ ଅକିଞ୍ଚିତ୍କର ମନେକରେ,-ଏପରି ବର୍ଣ୍ଣନା ମଧ ଭ୍ରମାତ୍ମକ । ୟୁରୋପୀୟମାନଙ୍କର ଏହି ସମସ୍ତ ବିଷୟରେ ମନ୍ତବ୍ୟ ପାଠ କରି ଏହା ବୋଧହୁଏ ଯେ ଭାରତୀୟ ଚିନ୍ତାଧାରା ମଧ୍ୟରେ ବୌଦ୍ଧମାନଙ୍କର ଶୂନ୍ୟବାଦ ଏବଂ ଅଦ୍ୱୈତବାଦୀ ଶଙ୍କରଙ୍କର ମାୟାବାଦ ଭିନ୍ନ ଅନ୍ୟ କିଛି ନାହିଁ,: ଭାରତର ସକଳ ଶିଳ୍ପ, ସାହିତ୍ୟ ଓ ସାମାଜିକ ଚିନ୍ତାର ସକଳ ବର୍ଣ୍ଣନାରେ ଜାଗତିକ ସକଳ ବିଷୟ ମିଥ୍ୟା ଏବଂ ଅସାର ଏବଂ ତହିଁରୁ ପ୍ରତ୍ୟାବୃତ୍ତ ହେବାଛଡ଼ା ଅନ୍ୟକୌଣସି ବିଷୟର ସ୍ଥାନ ନାହିଁ । ସାଧାରଣ ୟୁରୋପୀୟମାନେ ଭାରତ ସମ୍ବନ୍ଧରେ ଏହିସବୁ ବିଷୟ ଶୁଣିଛନ୍ତି ଅଥବା ୟୁରୋପୀୟ ମନୀଷୀଗଣ ଏହି ସକଳ ଚିନ୍ତାଧାରା ଦ୍ୱାରା ଆକୃଷ୍ଟ ଓ ଅଭିଭୂତ ହୋଇଛନ୍ତି, ତେଣୁ ଏପରି ସିଦ୍ଧାନ୍ତ କରାଯାଇ ନପାରେ ଯେ ଏହାହିଁ ଭାରତୀୟ ସକଳ ଚିନ୍ତାର ଭଣ୍ଡାର ଓ ଏହାର ଅତିରିକ୍ତ କିଛି ନାହିଁ । ଏହିସବୁ ୟୁରୋପୀୟ ପ୍ରଭାବ ଯେତେ ଅଧିକ ହୋଇଥିଲେ ମଧ ଏହାକୁ ହିଁ ଏକମାତ୍ର ସିଦ୍ଧାନ୍ତ ବୋଲି ଗ୍ରହଣ କରିବାକୁ ହେବ, ଏପରି କିଛି କଥା ନାହିଁ । ପ୍ରଥମରେ ଜୀବନଧାରାରେ ବାସନାର ତୃପ୍ତି ଓ ସମ୍ଭୋଗ, ତାହାପରେ ଶରୀରର ଓ ମନର ପ୍ରୟୋଜନ ସାଧନ ନିମିତ୍ତ ବାହ୍ୟ ଭୌତିକ ବିଷୟ, ଅର୍ଥ ଓ ଅନ୍ୟାନ୍ୟ ଉପକରଣ ସଂଗ୍ରହ, ତୃତୀୟତଃ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ନୈତିକ ଆଚରଣ ଓ ନ୍ୟାୟଧର୍ମ ପଥରେ ବିଚରଣ ଏବଂ ପରିଶେଷରେ ଆଧ୍ୟାତ୍ମିକ ମୁକ୍ତି,-ଏହି ଚାରୋଟି ଉଦ୍ଦେଶ୍ୟକୁ ଭାରତୀୟ ଭାଷାର କାମ, ଅର୍ଥ, ଧର୍ମ ଓ ମୋକ୍ଷ ବୋଲି କୁହାଯାଇଛି,- ମାନବର ଏହି ଚତୁଃବର୍ଗ ପୁରାତନ ଭାରତୀୟ ସଭ୍ୟତାର ଭିତ୍ତିସ୍ୱରୂପ ଅତି ସ୍ପଷ୍ଟଭାବେ ଗୃହୀତ ହୋଇଥିଲା । ଭାରତୀୟ ସଂସ୍କୃତିର ସମାଜବ୍ୟବସ୍ଥାର କାର୍ଯ୍ୟ ଥିଲା-ମନୁଷ୍ୟ ଜୀବନକୁ ଏହିସବୁ ଉଦ୍ଦେଶ୍ୟରେ ପରିଚାଳିତ କରିବା, ଏହି ସକଳ ବିଷୟର ସଂରକ୍ଷଣ ଓ ସମ୍ଭୋଗ କରିବା, ଏବଂ ଏମାନଙ୍କର ପଦ୍ଧତି ଓ ଉଦ୍ଦେଶ୍ୟସକଳ ମଧ୍ୟରେ କୌଣସିପ୍ରକାର ସାମଞ୍ଜସ୍ୟ ସ୍ଥାପନ କରିବା । ଅତି ଅଳ୍ପ କ୍ଷେତ୍ର ବ୍ୟତୀତ ଏହି ସକଳ ଉଦ୍ଦେଶ୍ୟ ମଧ୍ୟରୁ ପ୍ରଥମ ତିନୋଟି ପାର୍ଥିବ ଉଦ୍ଦେଶ୍ୟରେ

Digitized by PPRACHIN, SOA

ପରିତୃପ୍ତିସାଧନ ହିଁ ଶେଷ ଉଦ୍ଦେଶ୍ୟ ମୋକ୍ଷ ଲାଭର ପୂର୍ବବର୍ତ୍ତୀ ସାଧନରୂପେ ଗୃହୀତ ହୋଇଥିଲା । ଏଠାରେ ବିଧାନ ଥିଲା ଜାଗତିକ ଜୀବନର ପରବର୍ତ୍ତୀ କାଳରେ ପଦକ୍ଷେପ କରିବା ପୂର୍ବରୁ ଉକ୍ତ ଜୀବନର ପରିପୂର୍ଣ୍ଣ ପୁଷ୍ଟିସାଧନ କରିବା । ସଂସାର, ସମାଜ ଓ ଦେବଗଣଙ୍କ ନିକଟରେ ମନୁଷ୍ୟର ଋଣ କଦାପି ଉପେକ୍ଷାର ବସ୍ତୁ ନଥିଲା । ସ୍ୱର୍ଗର ମହିମା ଅଥବା ପରମ ତତ୍ତ୍ୱର ଶାନ୍ତିର ସ୍ଥାନ ଜଗତର ସକଳ ବିଷୟର ଉଚ୍ଚରେ ରହିଲେ ସୁଦ୍ଧା ମନୁଷ୍ୟ ଉପରେ ଜଗତ ଓ ସଂସାରର ଯେଉଁ ଦାବି ଅଛି ତାହା ଅସ୍ୱୀକୃତ ହୋଇ ନଥିଲା । ବ୍ୟାପକଭାବେ ପର୍ବତଗୁହାରେ ଆଶ୍ରୟ ଗ୍ରହଣ ବା ସନ୍ୟାସ–ଆଶ୍ରମରେ ପ୍ରବେଶ କରିବା ନିମିତ୍ତ କୌଣସି ସମୟରେ ପ୍ରଚାର କାର୍ଯ୍ୟ କରାଯାଇ ନଥିଲା ।

ପ୍ରାଚୀନ ଭାରତର ଜୀବନଧାରାରେ ଯେଉଁ ସଂଗତି ଏବଂ ସେକାଳର ସାହିତ୍ୟରେ ଜୀବନ୍ତ ଭାବରେ ଯେଉଁ ବିଶେଷତ୍ୱ ଓ ବହୁମୁଖିତା ଥିଲା ତାହା ଇହବିମୁଖତା ବା ଏକାନ୍ତଭାବେ ପାରଲୌକିକ ବିଷୟ ସହିତ ଅସମଞ୍ଜସ ଥିଲା । ଭାରତର ଅତି ବିଶାଳ ସଂସ୍କୃତି ସାହିତ୍ୟ କେବଳ ମାନବଜୀବନ ସମ୍ବନ୍ଧୀୟ ସାହିତ୍ୟ ଥିଲା । କେବଳ କେତେକ ଦାର୍ଶନିକ ଓ ଧର୍ମବିଷୟକ ରଚନାରେ ଜାଗତିକ ଜୀବନର ପରିହାର ବିଷୟ ଉଲ୍ଲିଖିତ ହୋଇଥିଲେ ସୁଦ୍ଧା ଏହି ସକଳ ରଚନାରେ ସାଧାରଣତଃ ଇହଜୀବନର ମୂଲ୍ୟ ସମ୍ବନ୍ଧରେ କୌଣସି ଅବଜ୍ଞାର ଭାବ ନଥିଲା । ଇହସର୍ବସ୍ୱ ପ୍ରତ୍ୟକ୍ଷବାଦୀ ଯାହା କହନ୍ତୁ ପଛକେ କୌଣସିପ୍ରକାର ଆଧ୍ୟାତ୍ମିକ ମୁକ୍ତି ମାନବ–ଆତ୍ମାର ବିକାଶରେ ଯେ ଚରମ ଓ ପରମ ସମ୍ଭାବନା, ସେ ବିଷୟରେ କୌଣସି ସନ୍ଦେହ ନାହିଁ । ଭାରତୀୟ ଚିନ୍ତାମନୋଭାବ ଏହି ମୁକ୍ତିର ପ୍ରୟୋଜନୀୟତା ସର୍ବାପେକ୍ଷା ଅଧିକ ଉପଲବ୍ଧି କରୁଥିଲେ ସୁଦ୍ଧା ଏହା ବ୍ୟତୀତ ଅନ୍ୟକିଛିର ଯେ କୌଣସି ପ୍ରୟୋଜନ ନାହିଁ, ଏପରି କଥା ପ୍ରକାଶ କରି ନାହିଁ । ନୈତିକ ଜୀବନ, ଆଇନ୍, ରାଜନୀତି, ସମାଜବ୍ୟବସ୍ଥା, ବିଜ୍ଞାନର ନାନା ଶାଖା, ନାନା ବିଷୟକ ଶିଳ୍ପ ଓ କାରୁକାର୍ଯ୍ୟ, ମାନବଜୀବନ ସହିତ ଯେଉଁ ସକଳ ବିଷୟର ସମ୍ବନ୍ଧ ରହିଛି, ସେ ଦିଗରେ ଭାରତ ସମାନ ଭାବରେ ଦୃଷ୍ଟି ଦେଇଛି । ଭାରତ ଏହି ସକଳ ବିଷୟ ପୁଙ୍ଖାନୁପୁଙ୍ଖରୂପେ ଗଭୀର ଭାବରେ ଚିନ୍ତା କରିଛି ଏବଂ ତାହା ଉତ୍ତମରୂପେ ବୁଝିବା ପରେ ପାରଙ୍ଗମତା ସହ ପ୍ରକାଶ କରିଛି ।

卐

Digitized by PPRACHIN, SOA

ଶିକ୍ଷା ସମ୍ବନ୍ଧେ ସ୍ୱାମୀ ବିବେକାନନ୍ଦ

ତୁମେ ଗୋଟିଏ ଚାରାଗଛର ବୃଦ୍ଧି ପାଇଁ ଯେତିକି କରିପାରିବ, ଗୋଟିଏ ଶିଶୁକୁ ଶିକ୍ଷା ଦେବା ପାଇଁ ତଦପେକ୍ଷା ଅଧିକ କିଛି କରିପାରିବ ନାହିଁ । ଚାରାଗଛ ତାର ନିଜର ପ୍ରକୃତି ନିଜେ ବିକାଶ କରେ । ଶିଶୁ ମଧ୍ୟ ନିଜେ ନିଜକୁ ଶିଖାଇଥାଏ । କିନ୍ତୁ ତୁମେ ତାକୁ ତା'ର ନିଜ ପଥରେ ଅଗ୍ରସର ହେବା ପାଇଁ ସାହାଯ୍ୟ କରିପାର । ତୁମେ ଯାହା କରିବ, ତାହା ବିଧେୟାତ୍ମକ ନୁହେଁ, ନିଷେଧାତ୍ମକ । ତୁମେ ସମସ୍ତ ପ୍ରତିବନ୍ଧକ ଦୂର କରିଦେଇପାର ଏବଂ ଜ୍ଞାନ ସ୍ୱାଭାବିକ ଭାବରେ ପ୍ରକାଶିତ ହେବ । ମୃତ୍ତିକାକୁ ସାମାନ୍ୟ ହାଲୁକା କର, ଯାହା ଫଳରେ ତାହା ସହଜରେ ବାହାରକୁ ଚାଲିଆସିବ । ତାହାର ଚତୁର୍ଦ୍ଦିଗରେ ବାଡ଼ ଘେରାଇଦିଅ, ଯେପରି କି ଅନ୍ୟ କାହାଦ୍ୱାରା ତାହା ନଷ୍ଟ ନହୁଏ । ବର୍ଦ୍ଧିଷ୍ଣୁ ଜୀବଟି ବଢ଼ିବା ନିମନ୍ତେ ତୁମେ ସମସ୍ତ ଆବଶ୍ୟକୀୟ ଉପକରଣ ଯଥା, ମୃତ୍ତିକା, ଜଳ ଓ ବାୟୁ ଯୋଗାଇଦେଇପାର ଏବଂ ସେହିଠାରେ ହିଁ ତୁମ କାର୍ଯ୍ୟର ସମାପ୍ତି । ତାର ନିଜ ପ୍ରକୃତି ଅନୁସାରେ ସେ ଯାହା ଗ୍ରହଣ କରିବା କଥା ଗ୍ରହଣ କରେ । ଶିଶୁର ଶିକ୍ଷା କ୍ଷେତ୍ରରେ ଠିକ୍ ସେହି ଅବସ୍ଥା । ଶିଶୁ ନିଜକୁ ନିଜେ ଶିକ୍ଷା ଦିଏ । ଶିକ୍ଷକ ଶିକ୍ଷା ଦେଉଛି, ଏହି ଭାବନା ମନକୁ ଆଣିବା

Digitized by PPRACHIN, SOA

ଦ୍ୱାରା ସେ ସମସ୍ତ ବିଷୟକୁ ନଷ୍ଟ କରିଦିଏ । ମନୁଷ୍ୟ ଭିତରେ ସମସ୍ତ ଜ୍ଞାନ ବିଦ୍ୟମାନ । ଏହାର ଜାଗରଣ ହିଁ ଶିକ୍ଷକର କର୍ତ୍ତବ୍ୟ । ଶିଶୁମାନଙ୍କ ନିମନ୍ତେ ଆମକୁ କେବଳ ଏତିକି କରିବାକୁ ହେବ, ଯେପରି ସେମାନେ ନିଜର ହସ୍ତ, ପଦ, କର୍ଣ୍ଣ ଓ ଚକ୍ଷୁର ସଦୁପଯୋଗ କରିବା ପାଇଁ ନିଜର ବୁଦ୍ଧି ପ୍ରୟୋଗ କରିବାକୁ ଶିକ୍ଷା କରିପାରିବେ ।

କଠୋର ପ୍ରହାର ଦ୍ୱାରା ଗଧକୁ ଘୋଡ଼ାରେ ପରିଣତ କରିବାର ଅପଚେଷ୍ଟା କଲାଭଳି ଶିଶୁକୁ ଶିକ୍ଷାଦେବା ଯେଉଁ ଶିକ୍ଷାପଦ୍ଧତିର ଲକ୍ଷ୍ୟ, ସେପରି ଶିକ୍ଷାପଦ୍ଧତି ଉଠାଇଦେବା ଉଚିତ୍ । ପିତାମାତାଙ୍କର ଅତ୍ୟଧିକ ପ୍ରଭୁତ୍ୱ ହେତୁ ଆମ ଶିଶୁମାନେ ସେମାନଙ୍କର ଅଭିବୃଦ୍ଧି ନିମନ୍ତେ ମୁକ୍ତ ଅବକାଶ ପାଆନ୍ତି ନାହିଁ । ପ୍ରତ୍ୟେକଙ୍କ ଭିତରେ ଅସୀମ ପ୍ରବୃତ୍ତି ରହିଛି ଯାହାର ବିକାଶ ପାଇଁ ସମୁଚିତ କ୍ଷେତ୍ର ଆବଶ୍ୟକ । ସଂଶୋଧନ ପାଇଁ ବଳପ୍ରୟୋଗ କରିବାର ପରିଣତି ସଂଶୋଧନକୁ ବାଧାଦେବା । ଯଦି ଜଣକୁ ସିଂହ ହେବାକୁ ନ ଦିଆଯାଏ, ତେବେ ସେ ଗୋଟିଏ ଶୃଗାଳ ହୋଇଯିବ ।

ଆମେମାନେ ଅସ୍ତିବାଚକ ଭାବନା ଦେବା ଉଚିତ । ନାସ୍ତିବାଚକ ଭାବନା ମନୁଷ୍ୟକୁ କେବଳ ଦୁର୍ବଳ କରିଦିଏ । ଆମେ ଏହା ଦେଖୁ ଯେ, ଯେଉଁଠାରେ ପିତାମାତା ତାଙ୍କର ପିଲାମାନଙ୍କୁ ଲେଖାପଢ଼ା କରିବା ପାଇଁ ଅବିରତ ଭାରାକ୍ରାନ୍ତ କରିଥାନ୍ତି, ସର୍ବଦା ପାଠ ନ ପଢ଼ିଲେ ସେମାନେ କିଛି ହେଲେ ଶିକ୍ଷା କରିପାରିବେ ନାହିଁ ଏବଂ ନିର୍ବୋଧ ହେବେ ବୋଲି କହନ୍ତି, ଅଧିକାଂଶ କ୍ଷେତ୍ରରେ ପିଲାମାନେ କେବଳ ନିର୍ବୋଧ ହିଁ ହୁଅନ୍ତି । ତୁମେ ଯଦି ସେମାନଙ୍କୁ ସହାନୁଭୂତିଭରା କଥା କୁହ ଏବଂ ଉତ୍ସାହିତ କର, ତେବେ ସେମାନେ ନିଶ୍ଚିତ ଭାବେ ଉନ୍ନତି କରିବେ । ତୁମେ ଯଦି ସେମାନଙ୍କୁ ଅସ୍ତିବାଚକ ଭାବନା ଦିଅ, ସେମାନେ ମନୁଷ୍ୟ ହେବେ ଏବଂ ନିଜ ଗୋଡ଼ରେ ଠିଆ ହେବା ପାଇଁ ଶିକ୍ଷା କରିବେ । ଭାଷା ବା ସାହିତ୍ୟ, କାବ୍ୟ ବା କଳା, ଏବଂ ଅନ୍ୟାନ୍ୟ ବିଷୟରେ ଲୋକମାନେ ତାଙ୍କର ଭାବନା ଓ କାର୍ଯ୍ୟରେ କି ପ୍ରକାର ତ୍ରୁଟି କରୁଛନ୍ତି ତାହାକୁ ନ ଦର୍ଶାଇ ସେମାନେ କି ଉପାୟରେ ତଦପେକ୍ଷା ଅଧିକ ଉତ୍କର୍ଷ ସାଧନା କରିପାରିବେ, ସେମାନଙ୍କୁ ସେହି ପ୍ରକାରର ଦିଗ୍‌ଦର୍ଶନ ଆମକୁ ଦେବାକୁ ହେବ ।

ମୁଣ୍ଡରେ କେତେଗୁଡ଼ିଏ ତଥ୍ୟ ପୂରାଇଦିଆଗଲା, ଯାହା ସାରା ଜୀବନ ଅସମ୍ବନ୍ଧ ଭାବରେ ଘୂରିବାକୁ ଲାଗିଲା– ଏହାକୁ ଶିକ୍ଷା କୁହାଯାଏ ନାହିଁ । ଆମମାନଙ୍କୁ ବିଭିନ୍ନ ଭାବସମୂହକୁ ଏପରି ଭାବରେ ନିଜର କରିନେବାକୁ ହେବ, ଯାହା ଆମମାନଙ୍କୁ ଜୀବନ–ଗଠନ, ମନୁଷ୍ୟ–ନିର୍ମାଣ ଓ ଚରିତ୍ରଗଠନରେ ସାହାଯ୍ୟ କରିବ ।

Digitized by PPRACHIN, SOA

ଆମେ ସେହି ଶିକ୍ଷା ଆବଶ୍ୟକ କରୁ ଯଦ୍ୱାରା ଚରିତ୍ରଗଠନ ହୁଏ, ମନୋବଳ ବୃଦ୍ଧି ହୁଏ, ବୁଦ୍ଧି ପ୍ରସାର ହୁଏ ଏବଂ ଯଦ୍ୱାରା ଜଣେ ବ୍ୟକ୍ତି ତାର ନିଜ ଗୋଡ଼ରେ ଠିଆ ହେବାକୁ ସମର୍ଥ ହୋଇପାରେ । ଆମର ଦରକାର ସ୍ୱାଧୀନ ଭାବରେ ସ୍ୱଦେଶୀ ବିଦ୍ୟା ସହିତ ଇଂରାଜୀ ଓ ବିଜ୍ଞାନ ପଢ଼ିବା । ଆମର ଦରକାର ବୈଷୟିକ ଶିକ୍ଷା– ଯହିଁରେ ଶିଳ୍ପର ବିକାଶ ଘଟିବ ଓ ଯଦ୍ୱାରା ଲୋକମାନେ ଚାକିରି ଅନ୍ୱେଷଣ ନ କରି ନିଜର ଭରଣପୋଷଣ ନିମନ୍ତେ ଯଥେଷ୍ଟ ଉପାର୍ଜନ କରିପାରିବେ ଓ ଦୁର୍ଦ୍ଦିନ ପାଇଁ ମଧ୍ୟ ସଞ୍ଚୟ କରିପାରିବେ ।

ମନୁଷ୍ୟ ଗଢ଼ିବା ସର୍ବବିଧ ଶିକ୍ଷା ଓ ପ୍ରଶିକ୍ଷଣର ଚରମ ଉଦ୍ଦେଶ୍ୟ ହେବା ଉଚିତ୍ । ମନୁଷ୍ୟର ବିକାଶ ସାଧନ ହେଉଛି ସବୁ ପ୍ରଶିକ୍ଷଣର ଲକ୍ଷ୍ୟ । ଯେଉଁ ପ୍ରକ୍ରିୟା ଦ୍ୱାରା ମନୁଷ୍ୟର ଇଚ୍ଛାଶକ୍ତିର ପ୍ରବାହ ଓ ପ୍ରକାଶ ସୁନିୟନ୍ତିତ ହୋଇ ଫଳପ୍ରଦ ହୁଏ, ତାହା ହେଉଛି ପ୍ରକୃତ ଶିକ୍ଷା । ବର୍ତ୍ତମାନ ଆମ ଦେଶ ପକ୍ଷରେ ପ୍ରୟୋଜନ ଲୌହବତ୍ ଦୃଢ଼ ମାଂସପେଶୀ ଓ ଇସ୍ପାତ୍ ପରି ସ୍ନାୟୁସମ୍ପନ୍ନ ହେବା–ଏପରି ଦୃଢ଼ ଇଚ୍ଛାଶକ୍ତି ହେବା ଦରକାର ଯେ, କେହି ଯେପରି ତାହାର ପ୍ରତିରୋଧ ପାଇଁ ସମର୍ଥ ହେବେ ନାହିଁ ।

– ଶିକ୍ଷା ପୁସ୍ତକରୁ ସଂଗୃହୀତ

卐

'ଥିଲେ ଯହିଁ ତହିଁ ଭାରତ ବକ୍ଷରେ
ମଣିବି ମୁଁ ଅଛି ଆପଣା କକ୍ଷରେ
ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ
ପ୍ରତିଷ୍ଠାନ ମୋର ପ୍ରିୟ ପୁରୀଧାମ ।'

– ଉତ୍କଳମଣି ଗୋପବନ୍ଧୁ

Digitized by PPRACHIN, SOA

ଭାରତ– ବିଦ୍ୟାର ଦିଗ ଓ ଦିଗନ୍ତ

ପ୍ରଫେସର ଶରତ ଚନ୍ଦ୍ର ରଥ

ସଚେତନତା ହେଉଛି ଭାରତୀୟ ମାନସର ଚାବିକାଠି । ଆଧ୍ୟାତ୍ମିକତା ହେଉଛି ଭାରତୀୟ ଜୀବନର ମୂଳମନ୍ତ୍ର । ନିଜସ୍ୱ ମୌଳିକ ସଚେତନ ଦୃଷ୍ଟିକୋଣ ନିମନ୍ତେ ଭାରତବର୍ଷ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ଆସନ ପାଇବାର ଯୋଗ୍ୟତା ଅର୍ଜନ କରିଛି । ଏହି ଦୃଷ୍ଟିକୋଣ ଭାରତ ବିଦ୍ୟାରେ କେବଳ ଉପସ୍ଥାପିତ ନୁହେଁ, ଏହାର ଭିତ୍ତିଭୂମି ଭାବରେ ମଧ୍ୟ ପ୍ରତିଷ୍ଠିତ ହୋଇଛି । ଅତୀତର ମର୍ଯ୍ୟାଦା ଓ ଗୌରବ ହଜିଯାଇନାହିଁ, ସ୍ୱତନ୍ତ୍ର ଶକ୍ତିର ଅଧିକାରୀ ହେବାର ଯୋଗ୍ୟତା ବରଂ ସେହି ଭିତ୍ତିରେ ପ୍ରତିଷ୍ଠିତ ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ । ପୁନର୍ବାର କପିଳ ସଂହିତାର ସେହି ଉକ୍ତି 'ବର୍ଷାଣାଂ ଭାରତଃ ଶ୍ରେଷ୍ଠଃ' ଅଧିକରୁ ଅଧିକ ଯୁକ୍ତିଯୁକ୍ତ ବୋଲି ପ୍ରମାଣିତ ହେବ । ଭାରତ ସମଗ୍ର ମାନବ ଜାତିକୁ ଦେବ ଅଭ୍ରାନ୍ତ ଦିଗ୍‌ଦର୍ଶନ । ଭାରତ ବହୁ ଝଡ଼ଝଞ୍ଜା ସହି ବଞ୍ଚି ରହିଛି, ବଞ୍ଚି ରହିଛି ସମଗ୍ର ଜଗତ ପାଇଁ । ଭାରତୀୟ ସଂସ୍କୃତି ନିଜସ୍ୱ ଜୀବନୀ ଶକ୍ତିର ବଳରେ ବଞ୍ଚି ରହିଛି । ଯେଉଁ ଶକ୍ତି ବଳରେ ଭାରତ ତିଷ୍ଠି ରହିଛି ସେଥି ମଧ୍ୟରେ ତା'ର ପ୍ରାଚୀନ ବିଦ୍ୟା ଅନ୍ୟତମ । ଉଭୟ ପରା ବିଦ୍ୟା ଓ ଅପରା ବିଦ୍ୟା କ୍ଷେତ୍ରରେ ପ୍ରାଚୀନ ଭାରତର କୃତିତ୍ୱ ଅନନ୍ୟ ଅସାଧାରଣ । ସେ ବିଦ୍ୟାର ଶକ୍ତି ଏତେ ଅଧିକ ଯେ ବହୁ ପାଶ୍ଚାତ୍ୟ ମନୀଷି ତାହାଦ୍ୱାରା ଅଭିଭୂତ ଓ ପ୍ରଭାବିତ ହେବାର କେତେକ ଦୃଷ୍ଟାନ୍ତ ରହିଛି । ବହୁ ପାଶ୍ଚାତ୍ୟ ମନୀଷି ଭାରତ ପ୍ରତି ସେମାନଙ୍କର ଅନ୍ତରର ଶ୍ରଦ୍ଧା ଜ୍ଞାପନ କରିଛନ୍ତି, ଏହାର ମହିମା ସେମାନଙ୍କ କଣ୍ଠରେ ଉଦ୍‌ଘୋଷିତ ହୋଇଛି । ସେହି ମନୀଷିମାନଙ୍କ ମଧ୍ୟରୁ ମାକ୍ସ ମୁଲର ହେଉଛନ୍ତି ଜଣେ । ତାଙ୍କ ମତରେ "ମୁଁ ଯଦି ନିଜକୁ ପଚାରେ ଆମେ ୟୁରୋପୀୟମାନେ ଯେଉଁମାନେ କି ପୂର୍ଣ୍ଣ ଭାବରେ ଗ୍ରୀକ ଓ ରୋମାନ ତଥା ଆଦିମ ଇହୁଦୀୟ ଚିନ୍ତାଧାରାରେ ଲାଳିତ ପାଳିତ ହୋଇଆସିଛୁ, ଆମର ଅନ୍ତର୍ଜୀବନକୁ ଆହୁରି ପରିପୂର୍ଣ୍ଣ

Digitized by PPRACHIN, SOA

ଆହୁରି ସର୍ବାଙ୍ଗୀନ, ଆହୁରି ମାନବିକ କରିବାକୁ ହେଲେ କେଉଁ ଦେଶର ସାହିତ୍ୟରୁ ଆମେ ଯଥାର୍ଥ ଗଠନମୂଳକ ପ୍ରେରଣା ପାଇପାରିବୁ, ତେବେ ପୁନର୍ବାର ମୁଁ ନିର୍ଦ୍ଦେଶ କରିବି, ଭାରତ ବର୍ଷ ହେଉଛି ସେହି ଦେଶ ।’’ ଭାରତୀୟ ସଂସ୍କୃତି ପ୍ରାଚୀନ ଯୁଗରୁ ଅଦ୍ୟାବଧି ବଞ୍ଚି ରହିଛି । ଗ୍ରୀକ୍ ସଂସ୍କୃତି ଓ ରୋମ ସଂସ୍କୃତି ପରି ଏହା ବିଲୁପ୍ତ ହୋଇନାହିଁ । ଯେଉଁ ଅନ୍ତର୍ନିହିତ ଜୀବନୀ ଶକ୍ତି ଭାରତକୁ ବଞ୍ଚାଇ ରଖିଛି ତାହା ହେଉଛି ଭାରତର ବିଦ୍ୟା । ଆର୍ଯ୍ୟଭୂମି ଭାରତରୁ ଉଦ୍ଭୁତ ଏହି ବିଦ୍ୟା ଆଜି ସମଗ୍ର ବିଶ୍ୱରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି । ଭାରତୀୟ ଜୀବନର ଅସଲ ମୂଳ ଭିତ୍ତି ହେଉଛି ଆଧ୍ୟାତ୍ମିକତା । ଏହାର ଅର୍ଥ ନୁହେଁ ଯେ ଭାରତ ଭୌତିକ ବିଦ୍ୟାକୁ ଘୃଣା କରିଛି । ବରଂ ଏକଥା ସ୍ୱୀକାର୍ଯ୍ୟ ଯେ ପ୍ରାଚୀନ ଭାରତରେ ଉଭୟ ପରା ବିଦ୍ୟା ଓ ଅପରା ବିଦ୍ୟାର ସମ୍ୟକ ସମନ୍ୱୟ ଦେଖିବାକୁ ମିଳେ । ପ୍ରାଚୀନ ଭାରତରେ ସାହିତ୍ୟ, ଦର୍ଶନ, ବିଜ୍ଞାନ, ଶିଳ୍ପକଳାର ଅନେକ ଉନ୍ନତି ସାଧିତ ହୋଇଥିଲା । ପ୍ରାୟ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତର ସମୃଦ୍ଧି ଥିଲା ଅକ୍ଷତ ଓ ଅବ୍ୟାହତ । ପ୍ରାଗୈତିହାସିକ ଯୁଗଠାରୁ ଆରମ୍ଭ କରି ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କ୍ଷେତ୍ରରେ ବ୍ୟାସ, ବାଲ୍ମିକୀ, କାଳିଦାସ, ଭବଭୂତି, ଭାରବୀ, ଶ୍ରୀହର୍ଷ, ବିଷ୍ଣୁଶର୍ମା, ଯାଜ୍ଞବଲକ୍ୟ, ପତଞ୍ଜଳି, ଗୌତମ, ଶଙ୍କର, ପାଣିନୀ, କାତ୍ୟାୟନ, ଆର୍ଯ୍ୟଭଟ୍ଟ, ବରାହମିହିର, ଚରକ, ସୁଶ୍ରୁତ, କୌଟିଲ୍ୟ ଓ ନାଗାର୍ଜୁନ ପ୍ରତିଷ୍ଠା ଅର୍ଜନ କରିଥିଲେ ।

ପ୍ରାଚୀନ ଭାରତରେ ବିଜ୍ଞାନର ଚର୍ଚ୍ଚା ନଥିଲା, ପାଶ୍ଚାତ୍ୟରେ ବିଜ୍ଞାନର ଚର୍ଚ୍ଚା ଆରମ୍ଭ ହୋଇଛି ଇତ୍ୟାଦି ଧାରଣା ସାଧାରଣତଃ ପୋଷଣ କରାଯାଇଥାଏ; କିନ୍ତୁ ପ୍ରକୃତରେ ବିଜ୍ଞାନର ବହୁଳ ଚର୍ଚ୍ଚା ପ୍ରାଚୀନ ଭାରତରେ ଥିଲା । ଆର୍ଯ୍ୟଭଟ୍ଟ ପଞ୍ଚମ ଶତାବ୍ଦୀରେ ସର୍ବପ୍ରଥମେ ପୃଥିବୀର ଆବର୍ତ୍ତନ ଯୋଗୁଁ ଦିବାରାତ୍ରି ହେଉଛି ବୋଲି ମତ ବ୍ୟକ୍ତ କଲେ । ଭାରତ ଭୂମିର ଭାସ୍କରାଚାର୍ଯ୍ୟ ଦ୍ୱାଦଶ ଶତାବ୍ଦୀରେ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିଲେ । ବହୁପରେ ଅର୍ଥାତ୍ ସପ୍ତଦଶ ଶତାବ୍ଦୀରେ ପାଶ୍ଚାତ୍ୟ ଭୂଖଣ୍ଡର ସ୍ୱନାମଧନ୍ୟ ବୈଜ୍ଞାନିକ ନିଉଟନ ଏହି କଥା ଉଦ୍‌ଘୋଷଣା କରିଥିଲେ ।

ପାଟିଗଣିତ ହେଉଛି ଏକ ବିଦ୍ୟା ଯହିଁରେ ଭାରତବର୍ଷର କୃତିତ୍ୱ ଅସାଧାରଣ । ଏକ ଠାରୁ ନଅ ପର୍ଯ୍ୟନ୍ତ ସଂଖ୍ୟାର ଆବିଷ୍କାର ଭାରତରେ ପ୍ରଥମେ

Digitized by PPRACHIN, SOA

କରାଯାଇଥିଲା । ପୂର୍ଣ୍ଣ ସଂଖ୍ୟାର ଯୋଗ, ବିୟୋଗ, ଗୁଣନ, ହରଣ, ବର୍ଗମୂଳ ଆଦି ଭାରତରେ ପ୍ରଥମେ ଆବିଷ୍କୃତ ହୋଇଥିଲା । କେବଳ ଗଣିତ ନୁହେଁ ଜ୍ୟୋତିଷ ବିଦ୍ୟାରେ ମଧ୍ୟ ଭାରତ ପାରଦର୍ଶିତା ଅତୀତରେ ଅର୍ଜନ କରିଥିଲା । ଆର୍ଯ୍ୟଭଟ୍ଟ ୨୩ ବର୍ଷ ବୟସରେ 'ଆର୍ଯ୍ୟଭଟ୍ଟ ତନ୍ତ୍ର' ନାମରେ ଗ୍ରନ୍ଥଟିଏ ରଚନା କରି ଯେଉଁ ଅପାର କୃତିତ୍ୱ ଅର୍ଜନ କରିଥିଲେ ତାହାର ପଟାନ୍ତର ନାହିଁ । ଗଣିତଜ୍ଞ ଭାସ୍କରାଚାର୍ଯ୍ୟ ୩୬ ବର୍ଷ ବୟସରେ 'ସିଦ୍ଧାନ୍ତ ଶିରୋମଣି' ନାମକ ଗ୍ରନ୍ଥଟିଏ ରଚନା କରିଥିଲେ । ଜ୍ୟାମିତି କ୍ଷେତ୍ରରେ ପ୍ରାଚୀନ ଭାରତର ସ୍ଥାନ ଥିଲା ସ୍ୱତନ୍ତ୍ର ଓ ଅଭିନବ । ବୈଦିକ ଯୁଗରେ ବିଶେଷ କରି ଯଜ୍ଞବେଦୀ ନିର୍ମାଣ ମାଧ୍ୟମରେ ଜ୍ୟାମିତି ପାଠର ବହୁଳ ଚର୍ଚ୍ଚା କରାଯାଉଥିଲା । ସମକୋଣୀ ତ୍ରିଭୁଜର କର୍ଣ୍ଣ ଉପରେ ଅଙ୍କିତ ବର୍ଗକ୍ଷେତ୍ରର କ୍ଷେତ୍ରଫଳ ଅପର ବାହୁଦ୍ୱୟର ଉପରେ ଅଙ୍କିତ ବର୍ଗକ୍ଷେତ୍ରର କ୍ଷେତ୍ରଫଳର ସମଷ୍ଟି ସଂଗେ ସମାନ, ଏକଥା ଆବିଷ୍କାର କରିଥିଲେ ଭାରତର ସୁଯୋଗ୍ୟ ସନ୍ତାନ 'ବୌଧାୟନ' । ପରେ ମଧ୍ୟପ୍ରାଚ୍ୟର ପିଥା ଗୋରାସ ଏହି କଥାଟିକୁ ବୁଝାଇଦେଲେ । ତାଙ୍କର ନାମାନୁସାରେ ଉକ୍ତ ଉପପାଦ୍ୟଟି 'ପିଥା ଗୋରାସ ଉପପାଦ୍ୟ' ହୋଇଛି । ଏ ପରିପ୍ରେକ୍ଷୀରେ ବୌଧାୟନଙ୍କର ନାମର ଉଲ୍ଲେଖ ନାହିଁ । ପ୍ରାଚୀନ ଭାରତରେ ଚରକ ଓ ଶୁଶ୍ରୁତ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅପୂର୍ବ ସଫଳତା ଅର୍ଜନ କରିଥିଲେ । ଧାତୁ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ବହୁ ନୂତନ ତଥ୍ୟ ଭାରତରେ ଆବିଷ୍କୃତ ହୋଇଥିଲା । ଭାରତୀୟମାନେ ପ୍ରଥମେ ସୁନା ଆବିଷ୍କାର କରିଥିଲେ ବୋଲି ଜଣାଯାଏ । ଛାନ୍ଦୋଗ୍ୟ ଉପନିଷଦରେ ସୁନା, ରୁପା, ଲୁହା, ଟିଣ ଓ ସୀସା ଆଦି ପଞ୍ଚଧାତୁର ନାମ ଉଲ୍ଲେଖ କରାଯାଇଛି । ରସାୟନ ବିଦ୍ୟାକ୍ଷେତ୍ରରେ ଭାରତର ପ୍ରସିଦ୍ଧି ଥିଲା ଅନ୍ୟାନ୍ୟ ସାଧାରଣ । ନାଗାର୍ଜ୍ଜୁନ ପାତନ ଓ ଭସ୍ମୀକରଣ ପ୍ରକ୍ରିୟା ଆବିଷ୍କାର କରିଥିଲେ । ମୌର୍ଯ୍ୟ ରାଜତ୍ୱ ପୂର୍ବରୁ କାଚର ପ୍ରସ୍ତୁତ ପ୍ରଣାଳୀ ଭାରତୀୟମାନେ ଜାଣିଥିଲେ । ଅତଏବ ବିଭିନ୍ନ କ୍ଷେତ୍ରରେ ପ୍ରାଚୀନ ଭାରତ ସିଦ୍ଧିର ଉଚ୍ଚତମ ଉଚ୍ଚତାରେ ଅଧିଷ୍ଠିତ ହୋଇଥିଲା ।

ଅପରା ବିଦ୍ୟାରେ ପ୍ରାଚୀନ ଭାରତ ଯେତେ ଉନ୍ନତ କରିଥିଲା, ପରା ବିଦ୍ୟାରେ ତା'ଠାରୁ ଅଧିକ ଉନ୍ନତି କରିଥିଲା । ମାନବ ଜାତିର ସର୍ବାଙ୍ଗୀନ ବିକାଶର ଅସଲ ମନ୍ତ୍ରଟି ଏହି ଆଧ୍ୟାତ୍ମିକତାରେ ରହିଛି, ଏହା ଆର୍ଯ୍ୟ ଋଷି ଉଦ୍‌ଘୋଷଣା

Digitized by PPRACHIN, SOA

କରିଛନ୍ତି । ଭାରତୀୟ ସଂସ୍କୃତିର ପୃଷ୍ଠଭୂମି ହେଉଛି ଆଧ୍ୟାତ୍ମିକତା । ଭାରତୀୟ ସଂସ୍କୃତିର ରୂପାୟଣ ଉପନିଷଦ, ଶ୍ରୀମଦ୍ ଭଗବଦ୍ ଗୀତା ଓ ଧମ୍ମପଦରେ ଦେଖିବାକୁ ମିଳେ । ଶ୍ରୀକୃଷ୍ଣ ସମସ୍ତ ଧର୍ମର ସାର ସ୍ୱରୂପ ଉପଦେଶମାଳାକୁ ଗୀତାରେ ଯେପରି ସ୍ଥାନ ଦେଇଛନ୍ତି ବୁଦ୍ଧଦେବ ବିଶ୍ୱପ୍ରେମମୂଳକ କେତେକ ବାଣୀକୁ ଧମ୍ମପଦ ଗ୍ରନ୍ଥରେ ସେପରି ସ୍ଥାନ ଦେଇଛନ୍ତି । ଉପନିଷଦ ସମଗ୍ର ବିଶ୍ୱର କଲ୍ୟାଣକାମୀ ବାର୍ତ୍ତା ବହନ କରିଛି । ଉପନିଷଦ, ଗୀତା ଓ ଧମ୍ମପଦର ବାଣୀ ସଂପ୍ରଦାୟର ସୀମା ଅତିକ୍ରମ କରି ଅସାଂପ୍ରଦାୟିକ ହୋଇଛି । ଜାତି, ଧର୍ମ ନିର୍ବିଶେଷରେ ସମଗ୍ର ମାନବ ଜାତି ପାଇଁ କଲ୍ୟାଣ କାମନା କରି ଭାରତୀୟ ସଂସ୍କୃତିର ମହନୀୟତାକୁ ଆଲୋଚ୍ୟ ଗ୍ରନ୍ଥରାଜି ବହୁଗୁଣିତ କରିଛନ୍ତି । ପ୍ରାଚୀନ ଭାରତର ସେହି ଗ୍ରନ୍ଥରାଜିର ମହତ୍ତ୍ୱ ଆଧୁନିକ ସଭ୍ୟଜଗତ ଦ୍ୱାରା ଅନୁଭୂତ ହେଉଛି । ଶ୍ରୀମଦ୍ ଭଗବଦ୍ ଗୀତାର ଚର୍ଚ୍ଚା ତଥା ଅନୁଶୀଳନ କେବଳ ଭାରତରେ ସୀମିତ ନହୋଇ ଭାରତ ବାହାରେ ମଧ୍ୟ ପରିବ୍ୟାପ୍ତ ହୋଇଛି । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ପାଶ୍ଚାତ୍ୟ ମନୀଷୀମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଶ୍ରୀମଦ୍ ଭଗବଦ୍ ଗୀତା । ଉଇଲ କିନ୍‌ସ ସଂସ୍କୃତ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିବା ସଂଗେସଂଗେ ଇଂରାଜୀ ଭାଷାରେ ଶ୍ରୀମଦ୍ ଭଗବଦ୍ ଗୀତାକୁ ଅନୁବାଦ କରିଥିଲେ । ଏହାପରେ ଜର୍ମାନ୍ ପଣ୍ଡିତ ସାର୍ ଉଇଲ୍ ହେଲମ୍ ଶ୍ଲେଗେଲ ଲାଟିନ ଅନୁବାଦ ସହ ଗୀତାର ଏକ ଉତ୍କୃଷ୍ଟ ସଂସ୍କରଣ ପ୍ରକାଶ କରିଥିଲେ । ପାଶ୍ଚାତ୍ୟର ପଣ୍ଡିତମାନଙ୍କ ଦ୍ୱାରା ଶ୍ରୀମଦ୍ ଭଗବଦ୍ ଗୀତା ଯେପରି ଆଦୃତ ହୋଇଛି କେତେକ ଉପନିଷଦ ମଧ୍ୟ ସେପରି ଆଦୃତ ହୋଇଛି । ଉପନିଷଦ ବେଦର ଶେଷ ସିଦ୍ଧାନ୍ତ ଉପରେ ଅବସ୍ଥାପିତ ହୋଇଥିବାରୁ ଏହାର ଅନ୍ୟନାମ ହେଉଛି ବେଦାନ୍ତ । ଉପନିଷଦଗୁଡ଼ିକରେ ଆତ୍ମିକ ତତ୍ତ୍ୱର ସ୍ପଷ୍ଟ ଉପସ୍ଥାପନା ରହିଛି । ମଣିଷ ମନର ବହୁ ପ୍ରଶ୍ନର ଉତ୍ତର ଏଥିରେ ଅଛି । ମଣିଷ କାହିଁକି ଜନ୍ମନିଏ ? କାହିଁକି ମନୁଷ୍ୟ ମୃତ୍ୟୁବରଣ କରିଥାଏ ? ଦୁଃଖ ଓ ଅଶାନ୍ତିର କାରଣ କ'ଣ ? ଏସବୁ ପ୍ରଶ୍ନର ଯଥାଯଥ ଉତ୍ତର ଏହି ଗ୍ରନ୍ଥଗୁଡ଼ିକରେ ପ୍ରଦତ୍ତ ହୋଇଛି । ମୋଗଲ ସମ୍ରାଟ ସାହାଜାହାନଙ୍କ ଜ୍ୟେଷ୍ଠପୁତ୍ର ଦ୍ୱାରା ମୂଳ ସଂସ୍କୃତରେ ଲିପିବଦ୍ଧ ୫୦ ଖଣ୍ଡ ଉପନିଷଦକୁ ପାରସୀ ଭାଷାରେ ଅନୁବାଦ କରିଥିଲେ । ଫରାସୀ ପଣ୍ଡିତ ଆକେତିଲ ଦୁଁପେର ଭାରତକୁ ଆସି ଦାରାଙ୍କ ଦ୍ୱାରା ଅନୂଦିତ ଉପନିଷଦ ଗ୍ରନ୍ଥରୁ କେତେକ

Digitized by PPRACHIN, SOA

ସଂଗ୍ରହ କରିଥିଲେ ଓ ସେଗୁଡ଼ିକୁ ପାଠକରି ଅଭିଭୂତ ହୋଇଥିଲେ । ସେଥି ମଧ୍ୟରୁ କେତେକ ଗ୍ରନ୍ଥର ଲାଟିନ୍ ଅନୁବାଦ ସେ କରିଥିଲେ । ତାଙ୍କର ଏହି ଅନୁବାଦ ମାଧ୍ୟମରେ ବୈଦିକ ସାହିତ୍ୟର ମୂଲ୍ୟବୋଧ ୟୁରୋପରେ ବହୁଭାବରେ ପ୍ରତିଷ୍ଠିତ ହୋଇଛି । ଜର୍ମାନ୍ ଦାର୍ଶନିକ ଶୋପେନ ହାଇଏର ଉପନିଷଦ ଗ୍ରନ୍ଥ ଉପରେ ମନ୍ତବ୍ୟ ଦେଇ କହିଛନ୍ତି–'ପୃଥିବୀରେ ଉପନିଷଦ ପାଠ ଅପେକ୍ଷା ଆନନ୍ଦଦାୟକ ଆଉ କିଛି ହୋଇନପାରେ, ଏଥିରୁ ହିଁ ପାଇଛି ମୋର ଜୀବନର ସାନ୍ତ୍ୱନା ।''

ଅତଏବ ଏକଥା ମୁକ୍ତକଣ୍ଠରେ ସ୍ୱୀକାର୍ଯ୍ୟ ଯେ ପ୍ରାଚୀନ ଭାରତ ହେଉଛି ବିଦ୍ୟାର ବିକାଶକ୍ଷେତ୍ର । ଏହି ଭୂମିରୁ ପରାବିଦ୍ୟା ଓ ଅପରା ବିଦ୍ୟାର ରଶ୍ମିରେଖା ଭିନ ଭିନ୍ନ ଦିଗନ୍ତକୁ ବିଚ୍ଛୁରିତ ହେବା ସଂଗେସଂଗେ ସମଗ୍ର ମାନବଜାତିକୁ ଉଦ୍‌ବୁଦ୍ଧ କରିଛି । ପାଶ୍ଚାତ୍ୟର ବୈଜ୍ଞାନିକମାନେ ବିଜ୍ଞାନ ସମ୍ବନ୍ଧରେ ଯେଉଁ ତଥ୍ୟ ଓ ତତ୍ତ୍ୱ ସମଗ୍ର ବିଶ୍ୱ ସମ୍ମୁଖରେ ଉପସ୍ଥାପନା କରିଛନ୍ତି, ସେମାନଙ୍କ ଆଗରୁ ସେଥିରୁ କେତେକ ତତ୍ତ୍ୱର ମୌଳିକ ଦିଗ୍‌ଦର୍ଶନ ଭାରତୀୟ ବିଦ୍ୱାନ୍‌ମାନେ ଦେଇଛନ୍ତି । ସତ୍ୟର ପୂଜା ସହିତ ସୌନ୍ଦର୍ଯ୍ୟର ଆରାଧନା ଭାରତ ବିଦ୍ୟାର ବୈଶିଷ୍ଟ୍ୟ । ପ୍ରାଚୀନ ଭାରତର ଶିକ୍ଷା ପଦ୍ଧତିରେ ସତ୍ୟ ଶିବ ସୁନ୍ଦରର ଉପାସନା ଅତ୍ୟନ୍ତ ଆକର୍ଷଣୀୟ । ପାର୍ଥିବ ଓ ଆଧ୍ୟାତ୍ମିକ ଏହି ଦୁଇ ବିଷୟର ସାମଞ୍ଜସ୍ୟ ବିଧାନ କରିବା ପ୍ରାଚୀନ ଭାରତର ଶିକ୍ଷାର ମୂଳତତ୍ତ୍ୱ । ସଂସାରରେ ଜୀବନର ପ୍ରକୃତ ଲକ୍ଷ୍ୟ ହେଉଛି ଜୀବନକୁ ପରିପୂର୍ଣ୍ଣ କରି ଗଢ଼ିତୋଳିବା, ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଭାରତ ଯୁଗେ ଯୁଗେ ପ୍ରୟାସ କରିଛି । ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣ ଆନନ୍ଦ ହେଉଛି ଜୀବନର ପୂର୍ଣ୍ଣତା ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଦୃଶ୍ୟମାନ, ଜାଗତିକ ବସ୍ତୁ ସହ ଅନ୍ତରର ଭାବସତ୍ତାର ସମ୍ୟକ ସମନ୍ୱୟ ମାଧ୍ୟମରେ ଜୀବନର ସାର୍ଥକତା କେବଳ ସମ୍ଭବ, ଏକଥା ପ୍ରାଚୀନ ଭାରତର ବିଦ୍ୟା ଉଦ୍‌ଘୋଷଣା କରିଛି । ଆଜି ଏହି ବିଦ୍ୟା ସଂପର୍କରେ ଦେଶରେ ଓ ବିଦେଶରେ ଅଧିକରୁ ଅଧିକ ବିଚାର, ଆଲୋଚନା ଚାଲିଛି । ପ୍ରାଚୀନ ଭାରତର ବିଦ୍ୟାର ମହତ୍ତ୍ୱ ଭାରତକୁ ଯଥାର୍ଥ ସମ୍ମାନ ଆଣିଦେଉଛି, ଏଥିରେ ସନ୍ଦେହ ନାହିଁ ।

卐

Digitized by PPRACHIN, SOA